ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୨୭ ଫେବୃୟାରୀ, ୨୦୨୧



## 'ପୁସ୍ତକ ଚର୍ଚ୍ଚା'ରେ 'ସ୍ତୁତି ଚିନ୍ତାମଣି'

ଭୁବନେଶ୍ୱର, (ବ୍ୟୁରୋ)-ଓଡ଼ିଆ ଭାଷା ପ୍ରତିଷ୍ଠାନ ତରଫରୁ ଶୁକ୍ରବାର ରାଜ୍ୟ ସଂଗ୍ରହାଳୟରେ 'ପୁସ୍ତକ ଚର୍ଚ୍ଚା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ପ୍ରଫେସର ସନ୍ତୋଷ କୁମାର ରଥ ଯୋଗଦେଇ ସନ୍ଥକବି ଭୀମଭୋଇଙ୍କ 'ସ୍ତୁତି ଚିନ୍ତାମଣି' ଉପରେ ଆଲୋକପାତ କରିଥିଲେ। ମଞ୍ଚରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପ୍ରମୁଖ ଶାସନ ସଚିବ ଡ. ବିଷ୍ଣୁପଦ ସେଠୀ, ପ୍ରାକ୍ତନ ପ୍ରଶାସକ ସଞ୍ଜୀବ ଚନ୍ଦ୍ର ହୋତା, ପୂର୍ବତନ ସଂସ୍କୃତି ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ ଓ ବାବା ରମେଶ ଚନ୍ଦ୍ର ଦାସ ଉପସ୍ଥିତ ଥିଲେ। ଓଡ଼ିଆ ଭାଷା ପ୍ରତିଷ୍ଠାନ ନିର୍ଦ୍ଦେଶକ ଡ. ଭାଗ୍ୟଲିପି ମଲ୍ଲଙ୍କ ଆବାହକତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ପ୍ରଫେସର ରଥଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଓଡ଼ିଶା ରାଜ୍ୟ ଆଶା ସାଥୀ ସଂଘ ପକ୍ଷରୁ ଧାରଣା, ବିଧାନସଭା ସମ୍ମୁଖ, ପୂର୍ବାହ୍ନ ୧୧ଟା।
- ରାଜ୍ୟସ୍ତରୀୟ ହସ୍ତଶିଳ୍ପ ପ୍ରଦର୍ଶନୀ, ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆ, ଅପରାହ୍ନ ୨ଟା।
- କ୍ରେଡାଇ ପକ୍ଷରୁ ହୋମ ଆଣ୍ଡ ଡେକର ଫେୟାର, ଜନତା ମଇଦାନ, ଅପରାହ୍ନ ୨ଟା।
- ରାଜ୍ୟସ୍ତରୀୟ ଖଦି ଓ ଗ୍ରାମୋଦ୍ୟୋଗ ପ୍ରଦର୍ଶନୀ ଏବଂ ବିକ୍ରୟ ମେଳା ଉତ୍ସବ, ଖଦି ବୋର୍ଡ କାର୍ଯ୍ୟାଳୟ ପରିସର, ଖାରବେଳ ନଗର, ସନ୍ଧ୍ୟା ୬ଟା।

**ବାଲିଅନ୍ତା**

- ବିଶ୍ୱଶାନ୍ତି ଅତି ରୁଦ୍ରଯଜ୍ଞର ପୂର୍ଣ୍ଣାହୁତି, ବେଣ୍ଣୁପୁର ଶ୍ରୀନୀଳକଣ୍ଠେଶ୍ୱର ମନ୍ଦିର ପରିସର, ଅପରାହ୍ନ ୫ଟା।

# ରାସ୍ତାଘାଟ ଖାଁ ଖାଁ, ବ୍ୟବସାୟ ଠପ୍



କଟକ ମହାନଗର ବ୍ୟବସାୟୀ ମହାସଂଘ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଅଭିମୁଖେ ବାହାରିଥିବା ବାଇକ୍ ଶୋଭାଯାତ୍ରା।



ଭୁବନେଶ୍ୱର ବାପୁଜୀନଗର ମାର୍କେଟ ବନ୍ଦ ଥିବାବେଳେ ରାସ୍ତା ଜନଶୂନ୍ୟ।

**■କଟକ, ଭୁବନେଶ୍ୱରରେ ବନ୍ଦ ଶାନ୍ତିପୂର୍ଣ୍ଣ**
**■ପ୍ରାୟ ୭୦୦କୋଟିର କାରବାର ବାଧାପ୍ରାପ୍ତ**

ଭୁବନେଶ୍ୱର, (ବ୍ୟୁରୋ)/ବାରଙ୍ଗ, (ଡି.ଏନ୍.ଏ.)/ କଟକ ଅଫିସ/ଚୌଦ୍ୱାର, ୨୬।୨(ଡି.ଏନ୍.ଏ.)

ତ୍ରୁଟିପୂର୍ଣ୍ଣ ଜିଏସ୍‌ଟି ବ୍ୟବସ୍ଥାକୁ ବିରୋଧ କରି ସର୍ବଭାରତୀୟ ବ୍ୟବସାୟୀ ମହାସଂଘ ପକ୍ଷରୁ ଦିଆଯାଇଥିବା ଭାରତ ବନ୍ଦ ଡାକରାର ପ୍ରଭାବ ଶୁକ୍ରବାର ଭୁବନେଶ୍ୱର ଓ କଟକ ସହରରେ ଦେଖିବାକୁ ମିଳିଛି। ଭୁବନେଶ୍ୱରରେ ଜରୁରିକାଳୀନ ସେବା ପ୍ରଦାନ କରୁଥିବା ବ୍ୟବସାୟ ପ୍ରତିଷ୍ଠାନକୁ ଛାଡିଦେଲେ ଅନ୍ୟ ସମସ୍ତ ଦୋକାନ ଓ ମଲ ବନ୍ଦ ରହିଥିଲା। ତେବେ ଟାଉନ ବସ ଓ ଅନ୍ୟ ଯାନବାହନ ଚଳାଚଳ ସ୍ୱାଭାବିକ ଥିଲା। ବନ୍ଦକୁ ବ୍ୟବସାୟୀମାନେ ପୂର୍ଣ୍ଣ ସମର୍ଥନ କରିଥିଲେ। ରାଜ୍ୟ ସମେତ ରାଜଧାନୀରେ ବନ୍ଦ ଡାକରା ଶାନ୍ତିପୂର୍ଣ୍ଣ ଭାବେ ସଫଳ ହୋଇଛି ବୋଲି ବ୍ୟବସାୟୀ ସଂଘର ରାଜ୍ୟ ସଭାପତି ସୁଧାକର ପଣ୍ଡା କହିଛନ୍ତି। ସରକାର ଆଗାମୀ ଦିନରେ ଯଦି ଜିଏସ୍‌ଟି ବିଲରେ ସରଳୀକରଣ ସହ ଇ-କମର୍ସ ବିଲ୍‌କୁ ଆଇନ ପରିସରଭୁକ୍ତ ନ କରନ୍ତି ତେବେ ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବ ବୋଲି ପଣ୍ଡା କହିଛନ୍ତି। ବାରଙ୍ଗର କଲେଜଛକ, ଦାଢାବଜାର, ଷ୍ଟେଶନ ବଜାର, ସୀତାରାମ ବଜାର, ଆନନ୍ଦ ବଜାର,ଗୋଡିସାହି ବଜାର, ତ୍ରିଶୁଳିଆ ବଜାର, ସିଆଇଏସ୍‌ଏଫ୍ ମାର୍କେଟ,ଷଣ୍ଢପୁର, ନରାଜ,ମୁଣ୍ଡଳି ଆଦି ବିଭିନ୍ନ ସ୍ଥାନରେ ଦୋକାନ ବଜାର ବନ୍ଦ ରହିଥିଲା । ସେହିପରି ବନ୍ଦକୁ କଟକ ମହାନଗର ବ୍ୟବସାୟୀ ମହାସଂଘ ସମର୍ଥନ କରିଥିଲା। ସକାଳ ୬ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ସହରର ସମସ୍ତ ବ୍ୟବସାୟିକ ପ୍ରତିଷ୍ଠାନ ବନ୍ଦ ରହିଥିଲା। ମାଲଗୋଦାମ, ଚୌଧୁରୀବଜାର, ରାଣୀହାଟ, ବକ୍ସିବଜାର ଓ ବାଦାମବାଡି ବସ୍‌ଷ୍ଟାଣ୍ଡ ଭଳି ଜନଗହଳିପୂର୍ଣ୍ଣ ଅଞ୍ଚଳ ଜନଶୂନ୍ୟ ହୋଇପଡିଥିଲା। କାଁଭାଁ ବସ୍, ଅଟୋ ଚଳାଚଳ କରୁଥିଲେ ମଧ୍ୟ ରାସ୍ତାଘାଟ ଖାଁ ଖାଁ ଲାଗୁଥିଲା। କେତେକ ସ୍ଥାନରେ ଔଷଧ ଦୋକାନ ସମେତ କିଛି ଦୋକାନ ଖୋଲାଥିଲା।

କଟକ ମହାନଗର ବ୍ୟବସାୟୀ ମହାସଂଘ ପକ୍ଷରୁ ପୂର୍ବାହ୍ନ ୧୧ଟାରେ ମାଲଗୋଦାମରୁ ବାଇକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିବା ପରେ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲା। ସେଠାରେ ମହାସଂଘର ସାଧାରଣ ସମ୍ପାଦକ ପ୍ରଫୁଲ୍ଲ ଛାଟୋଇଙ୍କ ନେତୃତ୍ୱରେ ସଦସ୍ୟମାନେ ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟଙ୍କୁ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଇଥିଲେ। ଉକ୍ତ ଦାବିପତ୍ରରେ ଜିଏସ୍‌ଟି ସରଳୀକରଣ, ଇ-କମର୍ସ ବ୍ୟବସାୟୀଙ୍କ ବିସ୍ତାରବାଦ ନୀତି ଉପରେ ସରକାରୀ ନିୟନ୍ତ୍ରଣ ଆଦି ବିଷୟରେ ଉଲ୍ଲେଖ ରହିଛି। ମହାସଂଘ ସାଧାରଣ ସମ୍ପାଦକ ଛାଟୋଇ କହିଛନ୍ତି, ଏହି ବନ୍ଦ ଯୋଗୁ କଟକ ସହରରେ ପ୍ରାୟ ୭୦୦ କୋଟି ଟଙ୍କାର କାରବାର ବାଧାପ୍ରାପ୍ତ ହୋଇଛି। ସେହିପରି ଚୌଦ୍ୱାର ସହରରେ ବ୍ୟବସାୟୀମାନେ ଏହି ବନ୍ଦକୁ ସମର୍ଥନ କରି ନିଜ ବ୍ୟବସାୟ ପ୍ରତିଷ୍ଠାନକୁ ବନ୍ଦ ରଖିଥିଲେ। ଅନୁରୂପ ଭାବେ ଗ୍ରାମାଞ୍ଚଳଗୁଡିକରେ ମଧ୍ୟ ଏହାର ପ୍ରଭାବ ଦେଖିବାକୁ ମିଳିଥିଲା।

## ବିଡିଏ କର୍ମଚାରୀଙ୍କ ପାଇଁ ପେନସନ ବ୍ୟବସ୍ଥା

ଭୁବନେଶ୍ୱର, ୨୬।୨(ବ୍ୟୁରୋ)

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) କର୍ମଚାରୀଙ୍କ ପାଇଁ ପେନସନ ବ୍ୟବସ୍ଥା ଲାଗୁ ହୋଇଛି। ବିଡିଏ ଅବସରପ୍ରାପ୍ତ କର୍ମଚାରୀ କଲ୍ୟାଣ ସଂଘର ସଭାପତି, ପୂର୍ବତନ ବିଧାୟକ ତଥା ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥାର ଅଧ୍ୟକ୍ଷ ପ୍ରିୟଦର୍ଶୀ ମିଶ୍ରଙ୍କ ଏହି ପ୍ରଚେଷ୍ଟା ପାଇଁ ସଂଘ ସାଧାରଣ ସମ୍ପାଦକ ଅକ୍ଷୟ କୁମାର ସାମନ୍ତସିଂହାର, କାର୍ଯ୍ୟକାରୀ ସଭାପତି ନିକୁଞ୍ଜ ବିହାରୀ ରାଉତରାୟ, ଉପସଭାପତି ଆନନ୍ଦ ଚନ୍ଦ୍ର ଚମ୍ପତି, ଯୁଗ୍ମ ସମ୍ପାଦକ ବିଜୟ ଗୌଡ଼, କୋଷାଧ୍ୟକ୍ଷ ପ୍ରଶାନ୍ତ କୁମାର ପଟ୍ଟନାୟକଙ୍କ ସମେତ ଓଡ଼ିଶା ରାଜ୍ୟ ନିଗମ କର୍ମଚାରୀ ମହାସଂଘ କର୍ମକର୍ତ୍ତା ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ବିଡିଏ ମୁଖ୍ୟ କାର୍ଯ୍ୟାଳୟ ପ୍ରବେଶ ପଥରୁ ଅବସରପ୍ରାପ୍ତ କର୍ମଚାରୀମାନେ ସଭାପତି ମିଶ୍ର ଏବଂ ଉପଦେଷ୍ଟା ତଥା ସ୍ତମ୍ଭକାର ପ୍ରଦୋଷ ପଟ୍ଟନାୟକଙ୍କୁ ପାଛୋଟି ନେଇଥିଲେ। ବିଡିଏ ଉପାଧ୍ୟକ୍ଷ ପ୍ରେମଚନ୍ଦ୍ର ଚୌଧୁରୀଙ୍କୁ ସେମାନେ ସୌଜନ୍ୟମୂଳକ ସାକ୍ଷାତ କରିବା ଅବସରରେ ପେନସନ ବ୍ୟବସ୍ଥା ପ୍ରଚଳନ ପାଇଁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ କୃତଜ୍ଞତା ଜଣାଇଥିଲେ। କଲ୍ୟାଣ ସଂଘର ଅନ୍ୟତମ ଉପଦେଷ୍ଟା ତଥା ଓଡ଼ିଶା ରାଜ୍ୟ ନିଗମ କର୍ମଚାରୀ ମହାସଂଘର ମହାସଚିବ ସରୋଜକାନ୍ତ ମଲ୍ଲିକ କଲ୍ୟାଣ ସଂଘ କାର୍ଯ୍ୟାଳୟ ପାଇଁ ଗୃହ ଓ ଅନ୍ୟାନ୍ୟ ଅସୁବିଧା ପ୍ରତି ଧ୍ୟାନ ଆକର୍ଷଣ କରିଥିଲେ। ଉପାଧ୍ୟକ୍ଷ ଚୌଧୁରୀ ଚିକିତ୍ସା ବୀମା ପ୍ରଚଳନ ଓ କଲ୍ୟାଣ ସଂଘ କାର୍ଯ୍ୟାଳୟ ପାଇଁ ଗୃହ ପ୍ରଦାନ ନିମନ୍ତେ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ।

## ସଂକ୍ଷେପରେ

### ୬୫ ନଂ. ୱାର୍ଡ ସୁପରଭାଇଜର ନିଲମ୍ବିତ, ୪ ୱାର୍ଡ ଅଫିସରଙ୍କ ବିରୋଧରେ ନୋଟିସ୍ ଜାରି

ଭୁବନେଶ୍ୱର, ୨୬।୨(ବ୍ୟୁରୋ)- କର୍ତ୍ତବ୍ୟରେ ଅବହେଳା ପାଇଁ ଜଣେ ୱାର୍ଡ ସୁପରଭାଇଜରଙ୍କୁ ଚାକିରିରୁ ନିଲମ୍ବିତ କରାଯାଇଥିବାବେଳେ ଅନ୍ୟ ୪ଜଣ ୱାର୍ଡ ଅଫିସରଙ୍କ ବିରୋଧରେ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଶୁକ୍ରବାର ଏ ନେଇ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ସୂଚନା ଦିଆଯାଇଛି। ପ୍ରକାଶ ଯେ, ୬୫ନଂ. ୱାର୍ଡର ସୁପରଭାଇଜର କୌସର ଅହମ୍ମଦ, ୫୨ନଂ. ୱାର୍ଡ ଅଫିସର ତ୍ରିଲୋଚନ ରାଉତ, ୫୦ ନଂ. ୱାର୍ଡର ସନ୍ତୋଷ ପ୍ରହରାଜ, ୬୬ନଂ. ୱାର୍ଡର ଗଦାଧର ସେଠୀ ଏବଂ ୧୫ନଂ. ୱାର୍ଡ ଅଫିସର ବିଶ୍ୱରଞ୍ଜନ ନାୟକଙ୍କ ବିରୋଧରେ କର୍ତ୍ତବ୍ୟରେ ଅବହେଳା, ଉତ୍ତମ ଆଚରଣ ପ୍ରଦର୍ଶନ ନ କରିବା ଏବଂ ରାଜସ୍ୱ ଆଦାୟରେ ଅବହେଳା କରିବା ଭଳି ଗୁରୁତର ଅଭିଯୋଗ ହୋଇଥିଲା। ଏସବୁର ସମୀକ୍ଷା କରିବା ପରେ ବିଏମ୍‌ସି କର୍ତ୍ତୃପକ୍ଷ ଉପରୋକ୍ତ ଅଧିକାରୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି।

### ମାର୍ଚ୍ଚ ୭ରେ ହେବ ମହିଳା କାର୍ ରାଲି

ଭୁବନେଶ୍ୱର, ୨୬।୨(ବ୍ୟୁରୋ)- ଆସନ୍ତା ମାର୍ଚ୍ଚ ୭ତାରିଖ ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ସେବା ପ୍ରୟାସ ଫାଉଣ୍ଡେଶନ ପକ୍ଷରୁ ଉତ୍କଳ ଗ୍ୟାଲେରିଆ ସହଭାଗୀତାରେ ଚତୁର୍ଥ ବିଶାଳ ମହିଳା କାର୍ ରାଲି ହେବାକୁ ଯାଉଛି। ଏନେଇ ଫାଉଣ୍ଡେଶନର ପ୍ରତିଷ୍ଠାତ୍ରୀ ଲିଙ୍କନ ସୁବୁଦ୍ଧି ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ୭ତାରିଖରେ ଏହି କାର ରାଲି ଜନତା ମଇଦାନ ସଂଲଗ୍ନ ରାସ୍ତାରୁ ଆରମ୍ଭ ହୋଇ କଳ୍ପନା ଛକ ସନ୍ନିକଟ ଉତ୍କଳ ଗ୍ୟାଲେରିଆ ନିକଟରେ ପହଞ୍ଚିବ। ସେଠାରେ ଏକ ଉତ୍ସବରେ ବିଜୟୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ଉପଯୁକ୍ତ କାର ଡ୍ରାଇଭିଂ ଲାଇସେନ୍ସ ରଖିଥିବା ଆଗ୍ରହୀ ମହିଳା ପ୍ରତିଯୋଗୀ ଆସନ୍ତା ୫ତାରିଖ ମଧ୍ୟରେ ଅନ୍‌ଲାଇନ୍ ରେଜିଷ୍ଟ୍ରେଶନ (https://forms.gle/vKaMWVNHwRbrdfo୪୪) କରି ଆବେଦନ କରିପାରିବେ। ଏହି କାର୍ ରାଲିରୁ ଆଦାୟ ଅର୍ଥକୁ ଆର୍ଥିକ ସମସ୍ୟା କାରଣରୁ ଶିକ୍ଷାରୁ ବଞ୍ଚିତ ବାଳିକାମାନଙ୍କ ଶିକ୍ଷାଲାଭ ନିମନ୍ତେ ବ୍ୟୟ କରାଯିବ ବୋଲି ସାମାଜିକ କର୍ମୀ ନମ୍ରତା ଚଢ଼ା କହିଛନ୍ତି। କାର୍ଯ୍ୟକ୍ରମର ମୁଖ୍ୟ ପ୍ରାୟୋଜକ ଉତ୍କଳ ଗ୍ୟାଲେରିଆ ପକ୍ଷରୁ ରିଟେଲ ରିଲେଶନ ମ୍ୟାନେଜର ସୁଶ୍ରୀ ଚନ୍ଦନା ଦାସ ଉପସ୍ଥିତ ଥିଲେ।

### ମଦ ଦୋକାନ ଖୋଲାଯିବାକୁ ବିରୋଧ

ପୁରୁଣା ଭୁବନେଶ୍ୱର, ୨୬।୨ (ଡି.ଏନ୍.ଏ.): ରାଜଧାନୀରେ ପ୍ରତିଯୋଗିତା ଭଳି ମଦ ଦୋକାନ ଓ ବାର୍ ଖୋଲା ଯାଉଥିବା ଦେଖିବାକୁ ମିଳିଛି। ଛକ ସ୍ଥାନମାନଙ୍କର ୧୦୦ ମିଟର ବ୍ୟବଧାନ ପର୍ଯ୍ୟନ୍ତ ବିଏମ୍‌ସି ଓ ବିଡିଏ ପକ୍ଷରୁ ସାଧାରଣ ଲୋକଙ୍କ ଚଳପ୍ରଚଳ ପାଇଁ ସମସ୍ୟା ନ ଉପୁଜିବା ପାଇଁ ନୋ ଭେଣ୍ଡିଂ ଜୋନ ଘୋଷଣା କରାଯାଉଛି। ଏଭଳି ସ୍ଥଳେ ୟୁନିଟ୍-୮ ଅଞ୍ଚଳର ଏକ ସ୍କୁଲ ନିକଟରେ ବାର୍ ଖୋଲାଯିବା ନେଇ କଲୋନୀ ବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ପ୍ରଭାବଶାଳୀଙ୍କ ରୋଜଗାର ମାଧ୍ୟମ ଏବଂ ରାଜସ୍ୱ ଆଦାୟ ଲକ୍ଷ୍ୟ ନେଇ ଜନବସତି ଅଞ୍ଚଳରେ ବାର୍ ଖୋଲା ଯାଉଥିବାରୁ ବୁଦ୍ଧିଜୀବୀଙ୍କ ମହଲରେ ମଧ୍ୟ ଅସନ୍ତୋଷ ପ୍ରକାଶ ପାଇଛି।

## ଧରାପଡ଼ିଲା ଲୁଟେରା ଗ୍ୟାଙ୍ଗ

ଭୁବନେଶ୍ୱର,୨୬।୨(ବ୍ୟୁରୋ)

ମୋବାଇଲ ଫୋନ ଲୁଟ୍ ଅଭିଯୋଗରେ ଏୟାରପୋର୍ଟ ଥାନା ପୋଲିସ ଶୁକ୍ରବାର ଏକ ଲୁଟେରା ଗ୍ୟାଙ୍ଗର ୭ ସଦସ୍ୟଙ୍କୁ ଧରିଛି। ଏମାନଙ୍କ ମଧ୍ୟରେ ଜଣେ ନାବାଳକ ରହିଛନ୍ତି। ସମ୍ପୃକ୍ତ ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିସ ବୋର୍ଡକୁ ପଠାଇ ଦିଆଯାଇଛି। ଅନ୍ୟ ୬ ଅଭିଯୁକ୍ତ ହେଲେ ଅନୁଗୋଳ ଆଠମଲ୍ଲିକର ଟୁକୁ ଓରଫ ରାହୁଲ ଓରଫ ଭାଗ୍ୟବନ୍ତ ମିଶ୍ର, ଗଞ୍ଜାମର ସାଗର ବିଶୋୟୀ (୧୯), କଟକ କଳାପଥର ଅଞ୍ଚଳର ମୁନା ଓରଫ ଜିତେନ୍ଦ୍ର ସାହୁ (୧୯), ଭୁବନେଶ୍ୱର ଏୟାରଫିଲ୍ଡ ଥାନା ଅଞ୍ଚଳର ଅଭି ଓରଫ ଦୁର୍ଗାଶଙ୍କର ମାଝୀ (୧୯), ଗନୁ ଓରଫ ଜ୍ଞାନରଞ୍ଜନ ଚମ୍ପତି (୨୦), ଏୟାରପୋର୍ଟ ଥାନା ଅଧୀନ କାର୍ଗିଲ ବସ୍ତିର ପିଙ୍କୁ ଓରଫ ସତ୍ୟଜିତ ମହାନ୍ତି (୧୯)। ଏମାନଙ୍କୁ ଗିରଫ କରାଯିବା ପରେ କୋର୍ଟ ଚାଲାଣ କରାଯାଇଛି। ପୋଲିସ ଏମାନଙ୍କ ନିକଟରୁ ୧୩ଟି ମୋବାଇଲ୍ ଫୋନ ଜବତ କରିଛି। ସୂଚନା ଅନୁଯାୟୀ, ଗତ ୧୬ତାରିଖରେ ଅଭିଯୋଗକାରୀ ଶ୍ୟାମସୁନ୍ଦର ସରକାର ପୋଖରୀପୁଟ ଅଞ୍ଚଳରେ ଫୋନରେ କଥା ହୋଇ ଯାଉଥିଲେ। ଏହି ସମୟରେ ଦୁଇଜଣ ଦୁର୍ବୃତ୍ତ ବାଇକରେ ଆସି ତାଙ୍କ ଫୋନ ଛଡ଼ାଇ ନେଇ ଫେରାର ହୋଇଯାଇଥିଲେ। ଶ୍ୟାମସୁନ୍ଦର ଏ ସଂକ୍ରାନ୍ତରେ ଏୟାରପୋର୍ଟ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରିବା ସହ ସମ୍ପୃକ୍ତ ଅଞ୍ଚଳରେ ଲାଗିଥିବା ସିସିଟିଭି କ୍ୟାମେରା ଫୁଟେଜ ଆଧାରରେ ତଦନ୍ତ ଜାରି ରଖିଥିଲା। ସିସିଟିଭି ଫୁଟେଜରୁ ପୋଲିସ ଉଭୟ ଅଭିଯୁକ୍ତ ଭାଗ୍ୟବନ୍ତ ଓ ସାଗରଙ୍କୁ ଚିହ୍ନଟ କରିଥିଲା। ଏହାପରେ ମୋବାଇଲ ଟ୍ରାକିଂ ଓ ବିଶ୍ୱସ୍ତ ସୂତ୍ରରୁ ଉଭୟଙ୍କ ପତ୍ତା ପାଇଥିଲା। ସେଠାରେ ପୋଲିସ ଚଢାଉ କରି ଉଭୟଙ୍କୁ କାବୁ କରିଥିଲା। ଥାନାରେ ପଚରାଉଚରା ବେଳେ ଅଭିଯୁକ୍ତ ଦ୍ୱୟ ଫୋନ ଲୁଟ୍ କରୁଥିଲେ ବୋଲି ମାନିଥିଲେ। ଏଥିସହ ଗ୍ୟାଙ୍ଗର ଅନ୍ୟ ଅଭିଯୁକ୍ତଙ୍କ ନାମ ପ୍ରକାଶ କରିଥିଲେ। ଏହାପରେ ପୋଲିସ ଅନ୍ୟମାନଙ୍କୁ ଗିରଫ କରିଥିଲା। ପୋଲିସ କହିଛି ଯେ, ଭାଗ୍ୟବନ୍ତ ଓ ସାଗର ଏହି ଗ୍ୟାଙ୍ଗର ମୁଖ୍ୟ କାର୍ପଟଦାର ହୋଇଥିବାବେଳେ ଅନ୍ୟମାନେ ତାଙ୍କୁ ସାହାଯ୍ୟ କରୁଥିଲେ। ଭାଗ୍ୟବନ୍ତ ଓ ସାଗର ଭୁବନେଶ୍ୱରର ବିଭିନ୍ନ ଅଞ୍ଚଳରେ ବାଇକରେ ବୁଲି ଲୋକଙ୍କଠାରୁ ଫୋନ ଛଡ଼ାଉଥିବାବେଳେ ଅନ୍ୟ ଅଭିଯୁକ୍ତମାନେ ଲୁଟ୍ ଫୋନଗୁଡ଼ିକୁ ଆଣି ବିଭିନ୍ନ ଦୋକାନରେ ବିକ୍ରି କରୁଥିଲେ। ପରେ ସେହି ଅର୍ଥକୁ ନିଜ ନିଜ ମଧ୍ୟରେ ଭାଗବଣ୍ଟା କରିନେଉଥିଲେ। ଭାଗ୍ୟବନ୍ତଙ୍କ ନାମରେ ପୂର୍ବରୁ ଭୁବନେଶ୍ୱରର ବିଭିନ୍ନ ଥାନାରେ ୧୦ଟି ମାମଲା ରହିଛି।

## ଆଇଆଇଟି ଭୁବନେଶ୍ୱରକୁ ୟୁନିଭର୍ସିଟି ଅଫ୍ ଦି ଇୟର ପୁରସ୍କାର

ଜଟଣୀ,୨୬।୨(ଡି.ଏନ୍.ଏ.)

ଜଟଣୀ ଅରଗୁଳସ୍ଥିତ ଆଇଆଇଟି ଭୁବନେଶ୍ୱରକୁ ୟୁନିଭର୍ସିଟି ଅଫ୍ ଦି ଇୟର ପୁରସ୍କାର ମିଳିଛି। ଦେଶରେ ୧୧ରୁ ୩୦ବର୍ଷ ମଧ୍ୟରେ ଶିକ୍ଷା ପ୍ରଦାନ କରୁଥିବା ଶିକ୍ଷାନୁଷ୍ଠାନଙ୍କୁ ବିଶେଷ ଶିକ୍ଷାଦାନ ପଦ୍ଧତି ପାଇଁ ଏହି ପୁରସ୍କାର ଦିଆଯାଇଥାଏ। ଏହି ପରିପ୍ରେକ୍ଷୀରେ ଏଫଆଇସିସି ଦ୍ୱାରା ଆୟୋଜିତ ଉଚ୍ଚଶିକ୍ଷାରେ ଉତ୍କୃଷ୍ଟତା ପୁରସ୍କାର-୨୦୨୧ ଅନ୍‌ଲାଇନ୍ ମୋଡ୍‌ରେ ପୁରସ୍କାର ପ୍ରଦାନ କରାଯାଇଛି। ସୂଚନା ମୁତାବକ, ମୋଟ ୧୧ଟି କାଟାଗୋରୀ ମଧ୍ୟରୁ ୭ମ କାଟାଗୋରିରେ ଆଇଆଇଟି, ଭୁବନେଶ୍ୱର ୧୬ତମ ଏଫଆଇସିସି ଉଚ୍ଚଶିକ୍ଷା ସମ୍ମେଳନ-୨୦୨୧ରେ ଏହି ପୁରସ୍କାର ପାଇବାର ଗୌରବ ଅର୍ଜନ କରିଥିବା ଆଇଆଇଟି ପକ୍ଷରୁ ସୂଚନା ମିଳିଛି। ଏନେଇ ଆଇଆଇଟି ଭୁବନେଶ୍ୱର ଡାଇରେକ୍ଟର ପ୍ରଫେସର ଆର.ଭି.ରାଜକୁମାର କହିଛନ୍ତି, ଆମ ଅନୁଷ୍ଠାନ ପ୍ରତି କ୍ଷେତ୍ରରେ ଛାତ୍ରୀଛାତ୍ରଙ୍କୁ ସାମଗ୍ରିକ ଭାବେ ଉନ୍ନତମାନର ବିଶ୍ୱସ୍ତରୀୟ ଅଧ୍ୟାପନା ମାଧ୍ୟମରେ ଶିକ୍ଷା ପ୍ରଦାନ କରି ଦେଶରେ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛି। ଗତ ୨୯ ଜାନୁୟାରୀରେ ଏକ ୮ମିନିଟ୍ ବୃତ୍ତଚିତ୍ର ଜୁରୀମାନଙ୍କ ନିକଟରେ ଉପସ୍ଥାପନ କରିଥିଲେ। ଅଧ୍ୟାପକ ଓ ଛାତ୍ରୀଛାତ୍ରଙ୍କ ପରିଶ୍ରମ ଫଳରେ ଆଇଆଇଟି ଭୁବନେଶ୍ୱର ଏଭଳି ପୁରସ୍କାର ପାଇବା ଏକ ବଡ଼ ଉପଲବ୍ଧ ବୋଲି କହିଛନ୍ତି।



ଭୁବନେଶ୍ୱର ଓକିଲ ସଂଘର ରୌପ୍ୟ ଜୟନ୍ତୀ ନାଟକ ମହୋତ୍ସବରେ ଶୁକ୍ରବାର ରବୀନ୍ଦ୍ର ମଣ୍ଡପରେ ମଞ୍ଚସ୍ଥ ନାଟକ 'ତଥାପି ବଞ୍ଚିଛି'ର ଏକ ଦୃଶ୍ୟ।

## ନାବାଳିକାଙ୍କୁ ବଳାତ୍କାର: ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୨୬।୨(ବ୍ୟୁରୋ)

ତମାଣ୍ଡୋ ଅଞ୍ଚଳରେ ଜଣେ ନାବାଳିକାଙ୍କୁ ବିସ୍କୁଟ୍ ଦେଇ ଘରକୁ ଡାକି ବଳାତ୍କାର କରି ଫେରାର ଥିବା ଅଭିଯୁକ୍ତଙ୍କୁ କମିଶନରେଟ ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଗଞ୍ଜାମର ରବିନ୍ଦ୍ର ବେହେରା। ତାଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି । ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଝାରପଡା ଜେଲ ହାଜତକୁ ପଠାଇ ଦିଆଯାଇଛି।

## ସାଲିଆସାହି ଆଞ୍ଚଳିକ କମିଟିର ପ୍ରତିବାଦ ସଭା

ଭୁବନେଶ୍ୱର, ୨୬।୨(ବ୍ୟୁରୋ)

ଜଙ୍ଗଲ ଜମିରେ ସ୍ଥାପିତ ସାଲିଆସାହି ବସ୍ତିକୁ ୯ଟି ନୂଆ ରାସ୍ତା ନିର୍ମାଣ ଆଳରେ ବିଭାଜନ କରି ଉଚ୍ଛେଦ କରାଯିବାର ଷଡଯନ୍ତ୍ର ହେଉଛି। ବିଡିଏ, ବିଏମ୍‌ସି ପକ୍ଷରୁ ଡ୍ରୋନ୍ କ୍ୟାମେରା ଦ୍ୱାରା ଗୁପ୍ତ ଭାବେ ସର୍ଭେ କରାଯାଇ ଗତ ୧୬ ତାରିଖରେ ବୁଲ୍‌ଡୋଜର୍ ଲଗାଇ ୨୦୦ ଫୁଟ ରାସ୍ତା କାମ ଆରମ୍ଭ କରାଯାଇଛି। ୨୦୦୬ ଜଙ୍ଗଲ ଅଧିକାର ଆଇନ ଅନୁଯାୟୀ ଆଦିବାସୀ ଏବଂ ପାରମ୍ପରିକ ବାସିନ୍ଦା ଜଙ୍ଗଲ ଜମିରେ ବସବାସ କରିବାର ଅଧିକାର ରହିଛି। ବସ୍ତି ଭାଙ୍ଗିବା ପାଇଁ ମନ୍ଦ ଉଦ୍ଦେଶ୍ୟ ରଖି ଅଙ୍କାବଙ୍କା ରାସ୍ତା ତିଆରି କରି ପଥଚାରୀଙ୍କୁ ମରଣଯନ୍ତାକୁ ଠେଲିଦେବା ଅପରାଧିକ କାର୍ଯ୍ୟ। ତେଣୁ ଏହାର ଉଚ୍ଚସ୍ତରୀୟ ତଦନ୍ତ କରିବା ପାଇଁ ସାଲିଆସାହି ଆଞ୍ଚଳିକ କମିଟି ପକ୍ଷରୁ ଶୁକ୍ରବାର ସାଲିଆସାହିସ୍ଥିତ ଆଦିବାସୀ ଗାଁ ଫୁଟବଲ୍ ପଡିଆଠାରେ ଆୟୋଜିତ ପ୍ରତିବାଦ ସଭାରେ ଦାବି କରାଯାଇଛି। ଏଥିସହ ସାଲିଆସାହିରେ ଥିବା ଆଦିବାସୀ ଏବଂ ପାରମ୍ପରିକ ଜଙ୍ଗଲ ଅଧିବାସୀଙ୍କୁ ଉଚ୍ଛେଦ ନ କରି ସେହି ସ୍ଥାନରେ ରହିବାର ଅଧିକାର ଦେଇ ପଟ୍ଟା ପ୍ରଦାନ କରିବାକୁ ଦାବି କରାଯାଇଛି।

## ବିଧାୟକଙ୍କ ଜନଶୁଣାଣି

ଭୁବନେଶ୍ୱର, ୨୬।୨(ବ୍ୟୁରୋ):

ଭୁବନେଶ୍ୱର ଉତ୍ତର ନିର୍ବାଚନମଣ୍ଡଳୀରେ ବିଧାୟକ ସୁଶାନ୍ତ ରାଉତଙ୍କ ଦ୍ୱାରା ଆରମ୍ଭ ହୋଇଥିବା ତୃତୀୟ ଜନଶୁଣାଣି ଶିବିର ଗୁରୁବାର ବିଏମସିର ୩ନମ୍ବର ୱାର୍ଡ, ପଟିଆ ଜଗନ୍ନାଥ ମନ୍ଦିର ପାଖ କଲ୍ୟାଣୀମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ସମ୍ପୃକ୍ତ ୱାର୍ଡ ଓ ଡମଣା ଗ୍ରାମର ଜନସାଧାରଣ ନିଜ ସମସ୍ୟା ସହିତ ସାମୂହିକ ସମସ୍ୟା ଯଥା ଡ୍ରେନ, ରାସ୍ତା, ଆଲୋକୀକରଣ, ଶ୍ମଶାନ, ଗ୍ରାମ୍ୟ ପୁଷ୍କରିଣୀର ସମସ୍ୟା ବିଧାୟକଙ୍କୁ ଅବଗତ କରାଇଥିଲେ। ତେବେ କିଛି ରାସ୍ତା ଓ ଡ୍ରେନର ଟେଣ୍ଡର ପ୍ରକ୍ରିୟା ସରିଯାଇଛି ଏବଂ ଯଥାଶୀଘ୍ର କାର୍ଯ୍ୟ ଆରମ୍ଭ କରାଯିବ ବୋଲି ବିଭାଗୀୟ ଅଧିକାରୀ କହିଥିଲେ। ପଟିଆ ଓ ଡମଣା ଗ୍ରାମକୁ ଆଦର୍ଶ ଗ୍ରାମ ଭାବେ ଗଢି ତୋଳିବାକୁ ବିଧାୟକ ରାଉତ ସମସ୍ତ ବରିଷ୍ଠ ନାଗରିକଙ୍କ ସାହାଯ୍ୟ ଲୋଡିଥିଲେ।

## ହାଇବ୍ରିଡ ମିଡ୍‌ଟର୍ମ ଏଣ୍ଡକୋନ୍ ଟିମ୍‌କୁ ରାଜ୍ୟପାଳଙ୍କ ଅଭିନନ୍ଦନ



ରାଜ୍ୟପାଳଙ୍କୁ ଡା. ମନୋଜ କୁମାର ସାହୁ ଏବଂ ତାଙ୍କ ସାଥୀ ସାକ୍ଷାତ୍ କରୁଛନ୍ତି।

ଭୁବନେଶ୍ୱର, ୨୬।୨(ବ୍ୟୁରୋ)

ଅନ୍ତର୍ଜାତୀୟ ସ୍ତରର କାର୍ଯ୍ୟକ୍ରମ 'ହାଇବ୍ରିଡ ମିଡ୍‌ଟର୍ମ ଏଣ୍ଡକୋନ୍-୨୦୨୧' ନିମନ୍ତେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ବରିଷ୍ଠ ଚିକିତ୍ସକ ଡା. ମନୋଜ କୁମାର ସାହୁ ଏବଂ ତାଙ୍କ ଟିମ୍‌କୁ ଅଭିନନ୍ଦନ ଜଣାଇଛନ୍ତି। ଡାକ୍ତରୀ ବିଦ୍ୟାର ଏକ ନୂଆ ବିପ୍ଳବ ପାଇଁ ପ୍ରଥମଥର ଏହାକୁ ଭୁବନେଶ୍ୱରରେ ଆୟୋଜନ କରା ଯାଇଥିଲା। ଏହାଦ୍ୱାରା ଏଣ୍ଡୋସ୍କୋପିଷ୍ଟ, ଗ୍ୟାଷ୍ଟ୍ରୋ ଏଣ୍ଟେରୋଲୋଜିଷ୍ଟ କ୍ଷେତ୍ରରେ ପରିବର୍ତ୍ତନ ଓ ସୁଧାର ସହ ନୂତନ ଜ୍ଞାନକୌଶଳର ପରିଚୟ ହେବ ବୋଲି ଡା. ସାହୁ ମତ ଦେଇଥିଲେ। ଜାନୁୟାରୀ ୨୨ରୁ ୩ଦିନ ଧରି ଅନୁଷ୍ଠିତ ଏହି ସମ୍ମିଳନୀରେ ଆନ୍ତର୍ଜାତିକସ୍ତରର ଖ୍ୟାତନାମା ଚିକିତ୍ସା ବିଜ୍ଞାନୀ, ସ୍ୱାସ୍ଥ୍ୟ ବିଶେଷଜ୍ଞ, ଛାତ୍ର, ଗବେଷକ ଯୋଗ ଦେଇଥିଲେ। ବରିଷ୍ଠ ଚିକିତ୍ସକ ତଥା ଲିଭର ଆଣ୍ଡ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜିଷ୍ଟ ଡାକ୍ତର ମନୋଜ କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

## ମାର୍ଚ୍ଚ ୧ରୁ ପୂର୍ବ ରଙ୍ଗ ଜାତୀୟ ନାଟକ ମହୋତ୍ସବ

ଭୁବନେଶ୍ୱର, ୨୬।୨(ବ୍ୟୁରୋ)

**ଖୁବ୍ ଶୀଘ୍ର ଆରମ୍ଭ ହେବ ନାଟ୍ୟଧାରା**

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ପରିଚାଳିତ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ, ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ର କୋଲକାତା ଏବଂ ଓଡ଼ିଶା ନାଟ୍ୟ ସଂଘର ମିଳିତ ସହଯୋଗରେ ଆସନ୍ତା ମାର୍ଚ୍ଚ ୧ ତାରିଖରୁ 'ପୂର୍ବ ରଙ୍ଗ ଜାତୀୟ ନାଟକ ମହୋତ୍ସବ' ଆରମ୍ଭ ହେବ। ଦେଶର ବିଭିନ୍ନ ପ୍ରାନ୍ତରର ବିବିଧ ଭାଷାଭାଷୀ ନାଟକକୁ ଗୋଟିଏ ମଞ୍ଚରେ ପରିବେଷଣ କରିବା ଉଦ୍ଦେଶ୍ୟରେ ୫ଦିନ ଧରି ରବୀନ୍ଦ୍ର ମଣ୍ଡପରେ ଏହି ମହୋତ୍ସବ ଆୟୋଜନ ହେବ ବୋଲି ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଚିବ ପ୍ରବୋଧ ରଥ ସୂଚନା ଦେଇଛନ୍ତି। ଶୁକ୍ରବାର ସଂସ୍କୃତି ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇ ସଚିବ କହିଛନ୍ତି, ମହୋତ୍ସବରେ ରାଜ୍ୟ ବାହାରର ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ପ୍ରତିଷ୍ଠିତ ନାଟକ ସଂସ୍ଥା ଯୋଗଦେବେ। ପ୍ରତିଦିନ ନାଟକ ସରିବା ପରେ ସମ୍ପୃକ୍ତ ନାଟ୍ୟ ସଂସ୍ଥାର ନିର୍ଦ୍ଦେଶକଙ୍କ ସହିତ ରାଜ୍ୟ ବାହାରର ୧୨ଜଣ ନାଟ୍ୟ ପର୍ଯ୍ୟବେକ୍ଷକଙ୍କୁ ନେଇ ଏକ ଘଣ୍ଟିଆ ଭାବବିନିମୟ କାର୍ଯ୍ୟକ୍ରମ 'ଡିନର ୱିଥ୍ ଡାଇରେକ୍ଟର' ଆୟୋଜନ ହେବ। ପ୍ରଥମ ସନ୍ଧ୍ୟାରେ ଓଡ଼ିଶାର ଜୀବନରେଖା ଥିଏଟର ଗ୍ରୁପ୍ ଦ୍ୱାରା ନାଟକ 'ସୀତା' ପରିବେଷଣ ହେବ। ଦ୍ୱିତୀୟ ସନ୍ଧ୍ୟାରେ ଭୋପାଳର ବିହାନ ଡ୍ରାମା ୱାର୍କସ ପକ୍ଷରୁ 'ରୋମିଓ ଜୁଲିଏଟ୍ ଇନ୍ ସ୍ମାର୍ଟସିଟି ଅଫ୍ କଣ୍ଟେମ୍ପରାରୀ ଇଣ୍ଡିଆ', ତୃତୀୟ ସନ୍ଧ୍ୟାରେ ଆସାମର ସିଗୁଲ୍ ଥିଏଟର ଦ୍ୱାରା ନାଟକ 'କମ୍ଳାଦେବୀ' (କୁଛ୍ ୟାଦୋଁକି ପାନି), ଚତୁର୍ଥ ସନ୍ଧ୍ୟାରେ ନୂଆଦିଲ୍ଲୀର ଆକ୍ଟର୍ସ ରିପର୍ଟୋରୀ ଥିଏଟର ଦ୍ୱାରା ନାଟକ 'ନାଗିନ୍ ତେରା ବଂଶ ବଢେ' ଏବଂ ଅନ୍ତିମ ସନ୍ଧ୍ୟାରେ ନୂଆଦିଲ୍ଲୀର ୟୁନିକର୍ନ ଆକ୍ଟର୍ସ ଷ୍ଟୁଡିଓ ପକ୍ଷରୁ ନାଟକ 'ସୁରଜ୍ କା ସାତ୍‌ୱାଁ ଘୋଡ଼ା' ପରିବେଷଣ କରାଯିବ।

ସେହିପରି ଆସନ୍ତା ମାର୍ଚ୍ଚ କିମ୍ବା ଏପ୍ରିଲ୍ ମାସରୁ ନାଟ୍ୟଧାରା ଆରମ୍ଭ ହେବ। ଏନେଇ ସରକାରଙ୍କୁ ଅବଗତ କରାଯାଇଛି। କୋଭିଡ୍ କଟକଣା ମାନି ଏହି ମହୋତ୍ସବ କରାଯିବ। ରେଳଷ୍ଟେଶନ୍ କିମ୍ବା ଏୟାରପୋର୍ଟରେ ପ୍ରତ୍ୟେକ କଳାକାରଙ୍କ ସ୍କ୍ରିନିଂ ଟେଷ୍ଟ କରାଯିବ ବୋଲି ସୂଚନା ଦିଆଯାଇଛି। ଏହି ଖବରଦାତା ସମ୍ମିଳନୀରେ ବିଭାଗ ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, ସଙ୍ଗୀତ ନାଟକ ଏକାଡେମୀର ସଭାପତି ରାମକୃଷ୍ଣ ସାହୁ, ଓଡ଼ିଶା ନାଟ୍ୟ ସଂଘ ସଭାପତି ହରେନ୍ ସାହୁ, ସାଧାରଣ ସମ୍ପାଦକ ଲାଲା ଧିରେନ୍ ରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ଗାଡ଼ି ଧକ୍କାରେ ଯୁବକ ମୃତ

ଚୌଦ୍ୱାର,(ଡି.ଏନ.ଏ.): ଚୌଦ୍ୱାର ଥାନା ଅନ୍ତର୍ଗତ ବ୍ରହ୍ମପୁର ପଞ୍ଚାୟତ ଜେମାଦେଈପୁର ଗ୍ରାମ ନିକଟରେ ଶୁକ୍ରବାର ସକାଳେ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଜେମାଦେଈପୁର ଗ୍ରାମର ଗୌରାଙ୍ଗ ବେହେରା। ପୋଲିସ ସୂଚନା ଅନୁଯାୟୀ, ଗୌରାଙ୍ଗ ଗ୍ରାମ ରାସ୍ତାରେ ଚାଲିଚାଲି ଯାଉଥିବାବେଳେ ଏକ ଗାଡି ତାଙ୍କୁ ଧକ୍କା ଦେଇ ପଳାଇ ଯାଇଥିଲା। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ କଟକ ବଡ଼ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ସରକାରୀ ଚାକିରି ନାଁରେ ଠକେଇ

ଭୁବନେଶ୍ୱର,୨୬।୨(ବ୍ୟୁରୋ)


ଗିରଫ ଅଭିଯୁକ୍ତ।

- ମୁଖ୍ୟ ଅଭିଯୁକ୍ତ ଗିରଫ
- ବିଶ୍ୱାସ ଜନ୍ମାଇବାକୁ ନକଲି ଅଫିସରଙ୍କ ସହ କଥା କରାଉଥିଲେ
- ଗୁମର ଖୋଲିବାକୁ ରିମାଣ୍ଡରେ ଆଣିବ ପୋଲିସ

ଶିକ୍ଷିତ ବେକାର ଯୁବତୀ ଯୁବକଙ୍କୁ ସରକାରୀ ଚାକିରି କରାଇଦେବାକୁ କହି ଲକ୍ଷାଧିକ ଟଙ୍କା ଠକୁଥିଲେ। ଏନେଇ ଏକ ଏଜେନ୍ସି ଖୋଲିବା ସହ ସେଠାକୁ ଆସୁଥିବା ଯୁବତୀ ଯୁବକଙ୍କୁ ବିଭିନ୍ନ ସରକାରୀ ଚାକିରି କରାଇଦେବାକୁ ନାନା ପ୍ରଲୋଭନ ଦେଉଥିଲେ। ଚାକିରି ଆଶାରେ ଯୁବତୀ ଯୁବକ ତାଙ୍କ ପାଖକୁ ଆସିବା ପରେ ସେମାନଙ୍କୁ ଠକିବା ନିମନ୍ତେ ଠକ ଜଣକ ଜାଲ ବିଛାଉଥିଲେ। ଏପରି କି ସେମାନଙ୍କ ବିଶ୍ୱାସ ଜିତିବାକୁ ତାଙ୍କର ଉପର ଅଫିସରଙ୍କ ସହ ଲିଙ୍କ ଅଛି କହି କେତେଜଣ ସହଯୋଗୀଙ୍କୁ ନକଲି ପୋଲିସ ଅଫିସର, ରେଲୱେ ଅଫିସର ସଜାଇ ସେମାନଙ୍କ ସହ କଥା କରାଉଥିଲେ। ଏହାପରେ ମଧ ଯଦି କେହି ସନ୍ଦେହ କରୁଥିଲେ ତେବେ କେତେଜଣ ସହଯୋଗୀଙ୍କୁ ନକଲି ପୋଲିସ ପୋଷାକ ପିନ୍ଧାଇ ସେମାନଙ୍କୁ ଚାକିରି କରାଇ ଦେଇଥିବାର ଉଦାହରଣ ଦେଉଥିଲେ। ସେମାନଙ୍କ ବିଶ୍ୱାସ ଭାଜନ ହେବା ପରେ ଚାକିରି କରାଇଦେବା ବାବଦରେ ମୋଟା ଅଙ୍କର ଟଙ୍କା ହଡ଼ପ କରୁଥିଲେ। ଟଙ୍କା ପାଇବା ପରେ ଆଉ ଧରାଛୁଆଁ ଦେଉ ନ ଥିଲେ। ଏମିତି ଏକ ଅଭିଯୋଗ କ୍ରମେ ଧଉଳି ଥାନା ପୋଲିସ ଶୁକ୍ରବାର ସମ୍ପୃକ୍ତ ଠକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ନୂଆଗାଁ ବିଶାଳ ସିଟି ଲେନ୍-୧ର ସରୋଜ କୁମାର ଜେନା (୨୯)। ଏହି ଘଟଣାରେ ସମ୍ପୃକ୍ତ ତାଙ୍କ ସ୍ତ୍ରୀ ଓ ଅନ୍ୟ ସହଯୋଗୀଙ୍କୁ ଧରିବା ପାଇଁ ପୋଲିସ ଅଧିକ ତଦନ୍ତ ଜାରି ରଖିଛି। ସରୋଜଙ୍କୁ ରିମାଣ୍ଡରେ ଆଣି ସେ କାହାକୁ କେତେ ଟଙ୍କା ଠକିଛନ୍ତି, ଏଥିରେ ଆଉ କେଉଁମାନଙ୍କ ସମ୍ପୃକ୍ତି ରହିଛି, କେତେଦିନ ଏହି ଠକେଇ ର୍ୟାକେଟ୍ ଚାଲିଥିଲା ଆଦି ଅନେକ ବିଷୟରେ ଖୋଳତାଡ଼ କରାଯିବ ବୋଲି ଡିସିପି ଉମାଶଙ୍କର ଦାଶ କହିଛନ୍ତି।

ସୂଚନା ଅନୁଯାୟୀ, ସରୋଜ ନୂଆଗାଁ ଅଞ୍ଚଳରେ ଏକ କନସଲଟାନ୍ସି କରିଥିଲେ। ଏଠାରୁ ହିଁ ସେ ଠକେଇର ଜାଲ ବିଛାଉଥିଲେ। ଚାକିରି କରାଇଦେବାକୁ ପ୍ରଥମେ ଅନଲାଇନରେ ବିଜ୍ଞାପନ ଦେଇ ନିରୀହ ଯୁବତୀ ଯୁବକଙ୍କୁ ଆକୃଷ୍ଟ କରୁଥିଲେ। ତେବେ କିଛିଦିନ ତଳେ ବବିତା ଜେନା ନାମ୍ନୀ ଯୁବତୀ ସରୋଜଙ୍କଠାରୁ ଠକେଇର ଶିକାର ହୋଇଥିବା ନେଇ ଧଉଳି ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଅନୁଯାୟୀ, ସରୋଜ ଓ ତାଙ୍କ ସ୍ତ୍ରୀ ତାଙ୍କୁ ରେଲୱେ ଚାକିରି କରାଇଦେବାକୁ କହି ୩୦ ହଜାର ଟଙ୍କା ନେଇଥିଲେ। ଦୀର୍ଘଦିନ ପରେ ବି ଉଭୟ ତାଙ୍କୁ କୌଣସି ଚାକିରି କରାଇ ଦେଇ ନ ଥିଲେ କିମ୍ବା ତାଙ୍କ ଟଙ୍କା ଫେରାଉ ନ ଥିଲେ। ବବିତା ବାରମ୍ବାର ତାଙ୍କୁ ଟଙ୍କା ମାଗିଥିଲେ, ହେଲେ ସେମାନେ ଧରାଛୁଆଁ ଦେଉ ନ ଥିଲେ। ଅଭିଯୋଗ ପରେ ପୋଲିସ ସରୋଜଙ୍କୁ ଧରିବା ପାଇଁ ଅନୁସନ୍ଧାନ ଆରମ୍ଭ କରିଥିଲା। ସରୋଜ ଜଗତସିଂହପୁରରେ ଲୁଚିଥିବା ପୋଲିସ ଏକ ବିଶ୍ୱସ୍ତ ସୂତ୍ରରୁ ଜାଣିବା ପରେ ଗୁରୁବାର ସେଠାକୁ ଯାଇ ତାଙ୍କୁ ଧରି ଥାନାକୁ ଆଣିଥିଲା। ସରୋଜଙ୍କୁ ପଚରାଉଚରା ସମୟରେ ଠକେଇ ବାବଦରେ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଥିଲା। ସରୋଜ ରାଜ୍ୟର ବିଭିନ୍ନ ଜିଲାରେ ଏକାଧିକ ଯୁବତୀ ଯୁବକଙ୍କୁ ଏଭଳି ଠକିଥିବା ଜଣାପଡ଼ିଛି। ଏହି କ୍ରମରେ କଟକ ଜିଲାର ସତ୍ୟନାରାୟଣ ଜେନା ନାମକ ଯୁବକ ଆସି ଥାନାର ଦ୍ୱାରସ୍ଥ ହୋଇଥିଲେ। ସରକାରୀ ଚାକିରି କରାଇଦେବାକୁ କହି ସରୋଜ ତାଙ୍କଠାରୁ ୬ଲକ୍ଷ ୪୩ ହଜାର ଟଙ୍କା ଠକି ନେଇଥିବା ସତ୍ୟ ନାରାୟଣ ଅଭିଯୋଗ କରିଥିଲେ।

## ସଂକ୍ଷେପରେ

### ୫୯ ଲକ୍ଷ ଠକେଇ: ଦିଲ୍ଲୀରୁ କଣ୍ଟ୍ରାକ୍ଟର ଗିରଫ

ଭୁବନେଶ୍ୱର,୨୬।୨(ବ୍ୟୁରୋ): ୫୯ଲକ୍ଷ ଟଙ୍କା ଠକେଇ ଅଭିଯୋଗରେ ଖଣ୍ଡଗିରି ଥାନା ପୋଲିସ ଜଣେ କଣ୍ଟ୍ରାକ୍ଟରଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଦିଲ୍ଲୀର ସଞ୍ଜୟ ଅଗ୍ରୱାଲ। ଦୀର୍ଘ ୪ବର୍ଷ ହେବ ସଞ୍ଜୟ ଟଙ୍କା ନେଇ ଫେରାର ଥିବାବେଳେ ଖଣ୍ଡଗିରି ଥାନା ଏସ୍ଆଇ ନିରଞ୍ଜନ ଓଝାଙ୍କ ନେତୃତ୍ୱରେ ଏକ ଟିମ ଦିଲ୍ଲୀ ଯାଇ ତାଙ୍କୁ ଧରିଛନ୍ତି। ଶୁକ୍ରବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ସୂଚନା ଅନୁଯାୟୀ, ସଞ୍ଜୟଙ୍କର ଦିଲ୍ଲୀରେ ଏକ ବଡ କନ୍ଷ୍ଟ୍ରକ୍ସନ କମ୍ପାନି ରହିଛି। ସେ କୋଲକାତାରେ ସେଣ୍ଟ୍ରାଲ ପବ୍ଲିକ୍ ୱାର୍କ ଡିପାର୍ଟମେଣ୍ଟ (ସିପିଡବ୍ଲ୍ୟୁ) ପକ୍ଷରୁ ମିଳିଥିବା ଏକ ବିଲ୍ଡିଂ କନ୍ଷ୍ଟ୍ରକ୍ସନ ଟେଣ୍ଡର ନେଇଥିଲେ। ନିର୍ମାଣର କିଛି ଦିନ ପରେ ଅନ୍ୟ ଏକ ଟେଣ୍ଡର ଆସିବାରୁ ସଞ୍ଜୟ ଉକ୍ତ ନିର୍ମାଣ କାର୍ଯ୍ୟ ଅଧାରୁ ବନ୍ଦ କରିଦେଇଥିଲେ। ଏହା ପରେ ସେ ଭୁବନେଶ୍ୱରର ବିମଲ ଅଗ୍ରୱାଲଙ୍କ ପିଜିଏଲ ପ୍ରାଇଭେଟ୍ ଲିମିଟେଡ ସଂସ୍ଥାକୁ ବାକି କାମ କରିବାକୁ କହିଥିଲେ। ପିଜିଏଲ ପକ୍ଷରୁ ଉକ୍ତ ପ୍ରୋଜେକ୍ଟରେ ୧ କୋଟି ୯୪ଲକ୍ଷ ଟଙ୍କା ନିବେଶ କରାଯାଇଥିଲା। ସଞ୍ଜୟ ଏବାବଦରେ ବିମଲଙ୍କୁ ଏକ କୋଟି ୪୧ଲକ୍ଷ ଟଙ୍କା ଦେଇଥିବା ବେଳେ ୫୯ଲକ୍ଷ ଟଙ୍କା ବାକି ରଖିଥିଲେ। ବିମଲଙ୍କ ବାରମ୍ବାର ମାଗିବା ସତ୍ତ୍ୱେ ସଞ୍ଜୟ ଟଙ୍କା ଦେଉ ନ ଥିଲେ। ଏନେଇ ବିମଲ ଖଣ୍ଡଗିରି ଥାନାରେ ଅଭିଯୋଗ କରିଥିଲେ।

### ହରିଣ ମୁଣ୍ଡ ଜବତ ଘଟଣା: ମୁଖ୍ୟ ଅଭିଯୁକ୍ତ ଗିରଫ

ଖୁଣ୍ଟୁଣୀ,୨୬।୨(ଡି.ଏନ୍.ଏ.): ଖୁଣ୍ଟୁଣୀ ବନାଞ୍ଚଳ ଅଧୀନ ପନିଆଁମା ପାର୍ଶ୍ୱ ଜଙ୍ଗଲରୁ ହରିଣ ମୁଣ୍ଡ ଜବତ ଘଟଣାରେ ସମ୍ପୃକ୍ତ ଥାଇ ଫେରାର ଥିବା ମୁଖ୍ୟ ଅଭିଯୁକ୍ତ ପପୁ ସ୍ୱାଇଁଙ୍କୁ ଶୁକ୍ରବାର ଗିରଫ କରାଯାଇଛି। ଗତ ସେପ୍ଟେମ୍ବର ୧୦ ତାରିଖରେ ପପୁ ଓ ତାଙ୍କ ୩ ଜଣ ସହଯୋଗୀ ହରିପୋଲେଇ ଜଙ୍ଗଲରେ ଏକ ହରିଣ ମାରି ଏହାର ମାଂସକୁ ବିକ୍ରି କରିବା ସହ ମୁଣ୍ଡକୁ ଏକ ବୁଦା ମୂଳେ ଲୁଚାଇ ରଖିଥିଲେ। ଖବରପାଇ ଖୁଣ୍ଟୁଣୀ ବନାଞ୍ଚଳ ଅଧିକାରୀ ଚଢାଉ କରିଥିଲେ। ଚଢାଉବେଳେ ଜଙ୍ଗଲ କର୍ମଚାରୀଙ୍କୁ ଦେଖି ଅଭିଯୁକ୍ତମାନେ ହରିଣ ମୁଣ୍ଡକୁ ଛାଡି ପଳାଇ ଯାଇଥିଲେ। ବନ ବିଭାଗ ଉକ୍ତ ମୁଣ୍ଡକୁ ଜବତ କରିବା ସହ ଏକ ମାମଲା ରୁଜୁ କରିଥିଲା। ତେବେ ଶୁକ୍ରବାର ସନ୍ଧ୍ୟାରେ ପପୁ ପନିଆଁମା ଠାରେ ଥିବା ଖବର ପାଇବା ପରେ ଆଠଗଡ ଡିଏଫ୍ଓ ଗୋପୀନାଥ ସୁଦର୍ଶନ ଯାଦବ, ଖୁଣ୍ଟୁଣୀ ବନାଞ୍ଚଳ ଅଧିକାରୀ ଗଜେନ୍ଦ୍ର ସିଂ ପାଲ୍ ମାଥୁର ପ୍ରମୁଖ ଚଢାଉ କରି ପପୁଙ୍କୁ ଗିରଫ କରିଥିଲେ।

### ତୈଳ ଉପରୁ କରୋନା ସେସ୍ ପ୍ରତ୍ୟାହାର ଦାବି

କଟକ ଅଫିସ, ୨୬।୨: ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସ୍ ଦରବୃଦ୍ଧି ପ୍ରତ୍ୟାହାର ଦାବି କରି ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି ପକ୍ଷରୁ କଟକ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହାପରେ ସମିତି ପକ୍ଷରୁ ଜିଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ଦିଆଯାଇଥିଲା। ଏଥିସହ ତୈଳ ଉପରୁ କରୋନା ସେସ୍ ପ୍ରତ୍ୟାହାର ପାଇଁ ସମିତି ପକ୍ଷରୁ ଦାବି କରାଯାଇଛି। ସମିତିର ଜିଲା ସଭାନେତ୍ରୀ ଇନ୍ଦୁମତି ରାଉତ ଓ ସମ୍ପାଦିକା ବୁଲି ସାହୁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲାପାଳଙ୍କୁ ଉକ୍ତ ସ୍ମାରକପତ୍ର ପ୍ରଦାନ କରିଥିଲେ।

### ଡ. ରାଧାନାଥ ରଥଙ୍କ ଶ୍ରାଦ୍ଧୋତ୍ସବ

କଟକ ଅଫିସ, ୨୬।୨: କଟକ ବକ୍ସିବଜାରସ୍ଥିତ ସମ୍ବାଦପତ୍ର ବିକ୍ରେତା ସଂଘ ତରଫରୁ ପଦ୍ମଭୂଷଣ ଡ. ରାଧାନାଥ ରଥଙ୍କ ଶ୍ରାଦ୍ଧୋତ୍ସବ ସ୍ଥାନୀୟ ଗୋପବନ୍ଧୁ ପାର୍କଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସଂଘର କର୍ମକର୍ତ୍ତାମାନେ ରାଧାନାଥଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ବାଦପତ୍ର ବିକ୍ରେତା ସଂଘ ସାଧାରଣ ସମ୍ପାଦକ ଦୁର୍ଗା ପ୍ରସାଦ ଛାଟୋଇ, ସହସମ୍ପାଦକ ରତ୍ନାକର ପ୍ରଧାନ, ଉପସଭାପତି ଶ୍ରୀନିବାସ ରେଡ୍ଡୀ, ମନୋଜ ପାଲ, ସନ୍ତୋଷ ମହାନ୍ତି, ବଂଶୀଧର ବେହେରା, ମନୋଜ ପଟ୍ଟନାୟକ, ନିବାସ ରାଉତ, ରବି ସାହୁ, ପ୍ରଭାସ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ।

# ତୈଳ ଦର ବୃଦ୍ଧି ପ୍ରତିବାଦରେ ବିକ୍ଷୋଭ



ହିନ୍ଦୁସେନା ଛାତ୍ର ସଂଗଠନ ପକ୍ଷରୁ କଟକ ଜିଲାପାଳ ଅଫିସ ସମ୍ମୁଖରେ ବିକ୍ଷୋଭ।

କଟକ ଅଫିସ, ୨୬।୨

ଅହେତୁକ ତୈଳଦର ବୃଦ୍ଧି ପ୍ରତିବାଦରେ ହିନ୍ଦୁସେନା ଛାତ୍ର ସଙ୍ଗଠନ ପକ୍ଷରୁ କଟକ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହାପରେ ସଙ୍ଗଠନ ପକ୍ଷରୁ ଜିଲାପାଳଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଦିଆଯାଇଥିଲା। ଉକ୍ତ ଦାବିପତ୍ରରେ ଦର୍ଶାଯାଇଛି, କିଛି ମାସ ହେବ ତୈଳ ଦର ହୁହୁ ହୋଇ ବଢିଚାଲିଛି। ଫଳରେ ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକର ଦରଦାମ ଆକାଶଛୁଆଁ ହେବାରେ ଲାଗିଛି। ନିକଟରେ କେତେକ ରାଜ୍ୟ ଟିକସ ହ୍ରାସ କରିଛନ୍ତି। ଏଣୁ ସରକାର ରାଜ୍ୟବାସୀଙ୍କ ହିତ ପାଇଁ ତୈଳଦର ହ୍ରାସ କରିବା ଦିଗରେ ପଦକ୍ଷେପ ନେବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଛାତ୍ର ସଙ୍ଗଠନ ସଭାପତି ସୁଜିତ୍ ଦାସଙ୍କ ନେତୃତ୍ୱରେ ଶୁଭମ ନାୟକ, ସାହିଲ ସିଂ, ଜ୍ୟୋତି ପ୍ରକାଶ ବେହେରା, ସୌରଭ ପଣ୍ଡିତ ପ୍ରମୁଖ ଦାବିପତ୍ର ପ୍ରଦାନ କରିଥିଲେ।

# ‘ଗରିବଙ୍କ ମେରୁଦଣ୍ଡ ଭାଙ୍ଗିଯାଇଛି’

ମାହାଙ୍ଗା, ୨୬।୨(ସ୍ୱ.ପ୍ର.)



ଧାରଣାରେ ସାମିଲ ହୋଇଥିବା ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ସହ ଅନ୍ୟମାନେ।

- ଧାନର ଅଭାବୀ ବିକ୍ରି ପ୍ରତିବାଦ
- ତହସିଲ କାର୍ଯ୍ୟାଳୟ ଆଗରେ କଂଗ୍ରେସର ବିକ୍ଷୋଭ

ମାହାଙ୍ଗା ବ୍ଲକରେ ଧାନର ଅଭାବୀ ବିକ୍ରି ନେଇ କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। । କଂଗ୍ରେସ କର୍ମୀମାନେ କୁଆଁପାଳ ବଜାର ଠାରୁ ଶୋଭାଯାତ୍ରାରେ ବାହାରି ତହସିଲ ନିକଟରେ ପ୍ରତିବାଦ କରିବା ସହ ଧାରଣା ଦେଇଥିଲେ। ତୁରନ୍ତ ଟୋକନ ଦିଆଯାଇଥିବା ଚାଷୀମାନଙ୍କଠାରୁ ଧାନ ସଂଗ୍ରହ କରା ନ ଗଲେ ମାହାଙ୍ଗାରେ ଆନ୍ଦୋଳନ ଜୋରଦାର କରାଯିବ ବୋଲି କଂଗ୍ରେସ ପକ୍ଷରୁ ଚେତାବନୀ ଦିଆଯାଇଥିଲା। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଏଥିରେ ଯୋଗଦେଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଉପରେ ବର୍ଷି ଥିଲେ। ରାଜ୍ୟ ଓ କେନ୍ଦ୍ର ସରକାର ପେଟ୍ରୋଲ ଉପରୁ ଟିକସ ହଟାଉ ନଥିବାରୁ ଗରିବଙ୍କ ମେରୁଦଣ୍ଡ ଭାଙ୍ଗିଯାଇଛି ବୋଲି ସେ କହିଥିଲେ। ମାହାଙ୍ଗା କଂଗ୍ରେସ ନେତା ଦେବେନ୍ଦ୍ର ସାହୁ, କଟକ ଜିଲା କଂଗ୍ରେସ ସଭାପତି ମାନସ କୁମାର ଚୌଧୁରୀ , ବଡଚଣା କଂଗ୍ରେସ ବିଧାୟକ ପ୍ରାର୍ଥୀ ଅଜୟ ସାମଲ, ମାହାଙ୍ଗା ବ୍ଲକ କଂଗ୍ରେସ ସଭାପତି ଅଲେଖ ଚନ୍ଦ୍ର ସ୍ୱାଇଁ, ସାଲେପୁର ବ୍ଲକ କଂଗ୍ରେସ ସଭାପତି ବେଣୁଧର ନାୟକ, ନିଶ୍ଚିନ୍ତକୋଇଲି ବ୍ଲକ କଂଗ୍ରେସ ସଭାପତି ରମାକାନ୍ତ ବେହେରା ଏଥିରେ ସାମିଲ ହୋଇଥିଲେ। ମାହାଙ୍ଗା କଂଗ୍ରେସର ଏକ ପ୍ରତିନିଧି ମଣ୍ଡଳୀ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବି ପତ୍ର ତହସିଲଦାର ମଧୁସୂଦନ ନାୟକଙ୍କୁ ପ୍ରଦାନ କରିଥିଲେ । ରବୀନ୍ଦ୍ର ପରିଡା ଧନ୍ୟବାଦ ଦେଇଥିଲେ ।

## ଦିବ୍ୟାଙ୍ଗ ଯୁବତୀଙ୍କୁ ବଳାତ୍କାର: ପୂର୍ବତନ ୱାର୍ଡ ସଭ୍ୟ ଗିରଫ

ବଡ଼ମ୍ବା,୨୬।୨ (ଡି.ଏନ୍.ଏ)

ବଡମ୍ବା ଥାନା ଅଞ୍ଚଳର ଜଣେ ଦିବ୍ୟାଙ୍ଗ ଯୁବତୀଙ୍କୁ ବଳାତ୍କାର କରିବା ଅଭିଯୋଗରେ ପୂର୍ବତନ ୱାଡସଭ୍ୟଙ୍କୁ ଗିରଫ ପରେ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ନରସିଂହପୁର ଉପକାରଗାରକୁ ପଠାଇ ଦିଆଯାଇଛି। ସେ ହେଲେ ଲୋଚନ ବେହେରା (୬୫)। ଏନେଇ ପୀଡିତାଙ୍କ ବାପା ଓ ଭାଉଜ ବୁଧବାର ଥାନାରେ ଅଭିଯୋଗ କରିଥିଲେ। ସେମାନଙ୍କ ଅଭିଯୋଗ ଅନୁଯାୟୀ, ସୋମବାର ଘରେ ପୀଡ଼ିତା ଏକା ଥିଲେ। ଏହାର ସୁଯୋଗ ନେଇ ଉକ୍ତ ଅଞ୍ଚଳର ବେହେରା ତାଙ୍କ ଘରେ ପଶି ବଳତ୍କାର କରିଥିଲେ। ଏନେଇ ପ୍ରଥମେ ପୀଡ଼ିତାଙ୍କ ପରିବାର ପକ୍ଷରୁ ଗ୍ରାମ ସଭା ଡକାଯାଇଥିଲା। ସଭାରେ ପୀଡିତା ଅଭିଯୁକ୍ତ ବେହେରାଙ୍କୁ ଚିହ୍ନଟ କରିଥିଲେ। ମାତ୍ର ବେହେରା ମିଛି ବୋଲି କହି ଅଭିଯୋଗକୁ ଏଡାଇ ଯାଇଥିଲେ। ଏନେଇ ଥାନାରେ ଅଭିଯୋଗ ହେବା ପରେ ମାମଲା (ନଂ. ୩୮/୨୧) ରୁଜୁ ହୋଇଥିଲା। ଅଭିଯୁକ୍ତ ବେହେରାଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରାଯାଇଥିଲା। ଗୁରୁବାର ଅଭିଯୁକ୍ତ ବେହେରାଙ୍କୁ ଗିରଫ କରାଯାଇଥିଲା।

## ଦୁର୍ଘଟଣା: ଯୁବକ ଜଣେ ମୃତ

ଆଠଗଡ଼,୨୬।୨(ସ୍ୱ.ପ୍ର.)

ପୁରୁଣା କଟକ-ସମ୍ବଲପୁର ରାସ୍ତା ଚେରେଇପାଟଣା ଛକଠାରେ ଶୁକ୍ରବାର ସକାଳେ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବାଙ୍କୀ ଥାନା ଅନ୍ତର୍ଗତ ରାମଚନ୍ଦ୍ରପୁର ଗ୍ରାମର ତ୍ରିଲୋଚନ ବେହେରା। ସେ ଶଶୁର ଘର ପର୍ତାଆ ଗ୍ରାମକୁ ଯାଉଥିବାବେଳେ ଏକ ଗାଡି ଧକ୍କା ଦେଇ ପଳାଇଯାଇଥିଲା। ଆଠଗଡ଼ ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି।

# ଅଗ୍ନିକାଣ୍ଡ: ୧୦ବଖରା, ଆଖୁକିଆରି ଜଳିଗଲା

ନରସିଂହପୁର/ମାହାଙ୍ଗା/ ବାଙ୍କୀ ୨୬।୨,(ସ୍ୱ.ପ୍ର.)


ଅଗ୍ନିକାଣ୍ଡରେ ଆଖୁ କିଆରି ଜଳୁଛି।

ନରସିଂହପୁର ଓ ମାହାଙ୍ଗା ବ୍ଲକର ବିଭିନ୍ନ ସ୍ଥାନରେ ଅଗ୍ନିକାଣ୍ଡ ଘଟି ୧୦ ବଖରା ଜଳିଯାଇଛି। ନରସିଂହପୁର ବ୍ଲକ ଅନ୍ତର୍ଗତ ଚକାମୁଣ୍ଡା ପଞ୍ଚାୟତର ଶିଶୁପଥର ଗ୍ରାମରେ ଭୟାବହ ଅଗ୍ନିକାଣ୍ଡ ଘଟି ୭ ବଖରା ଜଳଯାଇଛି। ଏଥିରେ ରବି ଜେନା, ସନାତନ ଜେନା, କୁମର ଜେନା, ମିଲଲୁ ଜେନା, ଗୟା ଅମାନ୍ତ ,ସୁନ୍ଦର ଅମାନ୍ତ ଓ ବିରେନ୍ଦ୍ର ଅମାନ୍ତଙ୍କ ଗୋଟିଏ ବଖରା ଲେଖାଏ ପୋଡିଯାଇଛି। ସେହିଭଳି କୋକଳବା ଗ୍ରାମ ମୁଣ୍ଡରେ ଥିବା ଏକ ଆଶ୍ରମରେ ନିଆଁ ଲାଗି ଗୋଟିଏ ବଖରା ପୋଡ଼ି ଯାଇଛି। ନୂଆପାଟଣା ପଞ୍ଚାୟତ ଅନ୍ତର୍ଗତ ଗଣ୍ଡପଲି ଗ୍ରାମ ନିକଟରେ ଥିବା ଦୈତାରି ମଳିକଙ୍କ ୩ ଏକର ବିଶିଷ୍ଟ ଆମ୍ବବଗିଚାରେ ନିଆଁ ଲାଗି ଶତାଧିକ ଆମ୍ବ ପଣସ, ଶାଗୁଆନ କାଜୁ ଆଦି ମୂଲ୍ୟବାନ ଗଛ ପୋଡିଯାଇଛି। ମାହାଙ୍ଗା ତହସିଲ ଅନ୍ତର୍ଗତ ମୂଳବସନ୍ତ ପଞ୍ଚାୟତ ସିପୁରା ଗ୍ରାମର ବାସନ୍ତୀ ବେହେରାଙ୍କ ଘରେ ନିଆଁ ଲାଗି ୨ ବଖରା ପୋଡିଯାଇଛି। ଏଥିରେ ତାଙ୍କ ଘରର ସମସ୍ତ ଆସବାବ ପତ୍ର ପୋଡ଼ିଯାଇଛି।

ବାଙ୍କୀ ଡ଼ମପଡା ଅନ୍ତର୍ଗତ ରଗଡି ପଞ୍ଚାୟତ କୋଟଦ୍ୱାର ମୌଜାର ମଣ୍ଡାନାଳରେ ଶୁକ୍ରବାର ସନ୍ଧ୍ୟାରେ ଅଗ୍ନିକାଣ୍ଡ ଘଟି ବହୁ ଏକର ଆଖୁ ଫସଲ ଜଳିଯାଇଛି। ଗ୍ରାମବାସୀଙ୍କଠାରୁ ଖବରପାଇ ବାଙ୍କୀ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଉଦ୍ୟମ ଚଳାଇଛନ୍ତି। ଗ୍ରାମ ଯୁବକମାନେ ଏଥିରେ ସହାୟତା କରୁଛନ୍ତି। ରିପୋର୍ଟ ଲେଖା ହେବା ବେଳକୁ ନିଆଁ ଲିଭି ନଥିବା ଜଣାପଡ଼ିଛି। ନିଆଁ ଲାଗିବାର କାରଣ ଅସ୍ପଷ୍ଟ ରହିଛି। ଏଥିରେ କ୍ଷତିଗ୍ରସ୍ତ ହୋଇଥିବା ଚାଷୀଙ୍କ ଚିନ୍ତା ବଢ଼ିଯାଇଛି। ସେମାନଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ସାଧାରଣରେ ଦାବି ହୋଇଛି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ଦୀପକ


@ ସ୍ମିତିରଞ୍ଜନ


@ ରାଜଲକ୍ଷ୍ମୀ


@ ଦୀପାଲି


@ ପାପୁନ


@ ସୁଜିତ

# ଆଞ୍ଚଳିକ ମେରୁଦଣ୍ଡ ଆଘାତ କେନ୍ଦ୍ରର ପ୍ରତିଷ୍ଠା ଦିବସ

କଟକ ଅଫିସ, ୨୬।୨

ଏସ୍ସିବି ମେଡିକାଲ ସ୍ଥିତ ଆଞ୍ଚଳିକ ମେରୁଦଣ୍ଡ ଆଘାତ କେନ୍ଦ୍ରର ୨୦ ତମ ପ୍ରତିଷ୍ଠା ଦିବସ ଶୁକ୍ରବାର ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, ଆଞ୍ଚଳିକ ମେରୁଦଣ୍ଡ ଆଘାତ କେନ୍ଦ୍ର ଏସ୍ସିବି ମେଡିକାଲ କଲେଜର ଏକ ଅଂଶ। ଏଥିରୁ ଅନେକ ଲୋକ ଉପକୃତ ହେଉଛନ୍ତି। ସ୍ପାଇନାଲ ଇଞ୍ଜୁରୀଠାରୁ ଆରମ୍ଭ କରି ଅର୍ଥୋପେଡିକ୍, ଭିନ୍ନକ୍ଷମ ଲୋକଙ୍କ ଚିକିତ୍ସା ଏଠାରେ କରାଯାଉଛି। ଏସ୍ସିବି ମେଡିକାଲରେ ଥିବା ସମସ୍ୟା ଆଗାମୀ ଦିନରେ ସମାଧାନ କରାଯିବ। ଦୁର୍ଘଟଣାର ଶିକାର ହୋଇ ଭିନ୍ନକ୍ଷମ ପାଲଟିଥିବା ପ୍ରଦୀପ୍ତ କୁମାର ସ୍ୱାଇଁ ଜୀବନରେ ହାର ନ ମାନି ସ୍ୱାବଲମ୍ବୀ ହୋଇଥିବାରୁ ତାଙ୍କୁ ଏହି କାର୍ଯ୍ୟକ୍ରମରେ ସମ୍ମାନିତ କରାଯାଇଥିଲା। ଏଥିରେ ବିଧାୟକ ସୌଭିକ୍ ବିଶ୍ୱାଳ, ନିର୍ଦ୍ଦେଶକ ଡା. ନିର୍ମଳ ଚନ୍ଦ୍ର ମହାପାତ୍ର , ଏସ୍ସିବି ମେଡିକାଲ କଲେଜ ଡିନ ଏବଂ ପ୍ରିନ୍ସିପାଲ ଡା. ଦଣ୍ଡେଶ୍ୱର ହୋତା ଯୋଗଦେଇଥିଲେ। ଏହି ଅବସରରେ କାଳିଆ ଜେନା, ଦେବ ତରାଇ, ବାବନ ନାୟକ, କରୁଣାକର ଜେଠୀଙ୍କ ସମେତ ୨୦ଜଣଙ୍କୁ ହୁଇଲ ଚେୟାର ପ୍ରଦାନ କରାଯାଇଥିଲା।


କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ହୁଇଲ ଚେୟାର ପ୍ରଦାନ କରୁଛନ୍ତି।

## ଫୁଟବଲ: ଫାଇନାଲରେ ଫ୍ରେଣ୍ଡସ୍ ପାରାଡାଇଜ

ଝାଁଳା,(ଡି.ଏନ୍.ଏ.): ଜଟଣୀ ବ୍ଲକ ଅନ୍ତର୍ଗତ ମଦନପୁର ହାଇସ୍କୁଲ ପଡ଼ିଆରେ ନବଜ୍ୟୋତି କ୍ଲବ ଆନୁମୂଲ୍ୟରେ ଚାଲିଥିବା ନବମ ସର୍ବଭାରତୀୟ ମଦନପୁର ଫୁଟବଲ ଟୁର୍ନାମେଣ୍ଟରେ ଶୁକ୍ରବାର କଟକର ସ୍ପୋର୍ଟ୍ସ ହଷ୍ଟେଲକୁ ହରାଇ ଜଟଣୀର ଫ୍ରେଣ୍ଡସ୍ ପାରାଡାଇଜ ବିଜୟୀ ହେବା ସହ ଫାଇନାଲରେ ପ୍ରବେଶ କରିଛି। ପ୍ରଶାନ୍ତ ଶ୍ରୀହରୀଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ବିବେଚିତ କରାଯାଇଥିଲା। ଅତିଥିଭାବେ ଜଟଣୀ ଥାନାଧିକାରୀ ବିଶ୍ୱରଞ୍ଜନ ସାହୁ, ନିପେନ ଦାସ, ଝାଁଳା ଫାଣ୍ଡି ଅଧିକାରୀ ସତ୍ୟବ୍ରତ ଗ୍ରହଚାର୍ଯ୍ୟ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

## ଆଜି କ'ଣ କେଉଁଠି

ସାକ୍ଷୀଗୋପାଳ

- ବିଶ୍ୱଶାନ୍ତି, ଗ୍ରାମ କଲ୍ୟାଣ ଯଜ୍ଞ ପୂର୍ଣ୍ଣାହୁତି, ଜାଗେଶରୀ ମନ୍ଦିର ସେବକସାହି,ସନ୍ଧ୍ୟା ୬ ଟା

## ସଂକ୍ଷେପରେ

### ହାତୀ ଆକ୍ରମଣରେ ବୃଦ୍ଧ ଆହତ

**ନିରାକାରପୁର,୨୬।୨(ଡି.ଏନ୍.ଏ.):** ଟାଙ୍ଗୀ ବନାଞ୍ଚଳ ଅଧୀନ ତାରାଦେବୀ ରୋଡର ଭୂଷଣ୍ଡପୁର ଡିପିଏଫ୍ ମଧରେ ହାତୀ ଆକ୍ରମଣରେ ଶୁକ୍ରବାର ଜଣେ ବୃଦ୍ଧ ଆହତ ହୋଇଛନ୍ତି। ସେ ହେଲେ ପୁରୀ ଜିଲା ଗଡ଼ିଶାଗଦା ଥାନା ଅଧୀନ ତେଲେଙ୍ଗାପଡ଼ା ଗ୍ରାମର ରାମଚନ୍ଦ୍ର ଛୁଆଳସିଂହ(୭୨)। ଚିକିତ୍ସା ପାଇଁ ତାଙ୍କୁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ରାମଚନ୍ଦ୍ର ସାଇକେଲରେ ଜଙ୍କିଆ ଅରିସଲ ଗ୍ରାମରେ ଥିବା ତାଙ୍କ ଝିଅ ଘରକୁ ଯାଉଥିଲେ। ତାରାଦେବୀ ରୋଡର ଭୂଷଣ୍ଡପୁର ଡିପିଏଫ୍ ମଧରେ ଏକ ହାତୀ ତାଙ୍କୁ ଆକ୍ରମଣ କରିଥିଲା। ପରେ ଚିକିତ୍ସା ପାଇଁ ତାଙ୍କୁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଆହତଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଥିବା ବେଳେ ହାତୀଟି ତାରାଦେବୀଙ୍କ ଜଙ୍ଗଲରେ ରହିଛି ବୋଲି ଭୂଷଣ୍ଡପୁର ଫରେଷ୍ଟର ସିଧୁ ଚରଣ ସିଂ କହିଛନ୍ତି।

### ଗାଧୋଇବାକୁ ଯାଇ ବୃଦ୍ଧ ନିଖୋଜ

**ଜଟଣୀ,୨୬।୨(ଡି.ଏନ୍.ଏ.):** ଜଟଣୀ ବ୍ଲକ ଅଧୀନ ନିରଞ୍ଜନପୁର ଗ୍ରାମର ଦେବରାଜ ଜେନା(୬୫) ଶୁକ୍ରବାର ଗାଧୋଇବାକୁ ଯାଇ ଖଣିରେ ନିଖୋଜ ହୋଇଯାଇଥିବା ଜଣାପଡ଼ିଛି। ସୂଚନା ମୁତାବକ, ଦେବରାଜ ସନ୍ଧ୍ୟାରେ ଗାଧୋଇବାକୁ ଖଣିକୁ ଯାଇଥିଲେ। ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ ମଧ ପାଇ ନ ଥିଲେ। ଖବରପାଇ ଜଟଣୀ ଅଗ୍ନିଶମ କର୍ମଚାରୀ ପହଞ୍ଚି ଉଦ୍ଧାର କାର୍ଯ୍ୟ ଚଳାଇଥିବା ବେଳେ ଖବର ଲେଖା ହେବା ପର୍ଯ୍ୟନ୍ତ ଦେବରାଜଙ୍କ କୌଣସି ସନ୍ଧାନ ମିଳି ନ ଥିବା ଜଣାପଡ଼ିଛି।

### ଯକ୍ଷ୍ମା ନିରାକରଣ କାର୍ଯ୍ୟକ୍ରମ

**ଜଟଣୀ,୨୬।୨(ଡି.ଏନ୍.ଏ.):** ଜଟଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହରେ ଶୁକ୍ରବାର ଯକ୍ଷ୍ମାରୋଗ ଚିହ୍ନଟ, ଚିକିତ୍ସା ଓ ନିରାକରଣ ସମ୍ପର୍କିତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟ ଡା. ଜିତେନ୍ଦ୍ର କୁମାର ପଣ୍ଡା କହିଥିଲେ, ଯକ୍ଷ୍ମାରୋଗ ହଟାଇବାକୁ ହେଲେ ସମସ୍ତଙ୍କୁ ସଚେତନ ହେବାକୁ ପଡ଼ିବ। ଯକ୍ଷ୍ମା ରୋଗର ଲକ୍ଷଣ ଦେଖାଦେଲେ ତୁରନ୍ତ ଆଶାକର୍ମୀଙ୍କୁ ପରାମର୍ଶ କରି ନିକଟ କେନ୍ଦ୍ରରେ ପରୀକ୍ଷା କରାନ୍ତୁ। ନିୟମିତ ୬ ମାସ ଚିକିତ୍ସା କରାଇଲେ ଏହି ରୋଗ ଭଲ ହୋଇଯିବ। ରୋଗୀଙ୍କୁ ଚିକିତ୍ସା ସମୟରେ ପୁଷ୍ଟିକର ଖାଦ୍ୟ ବାବଦକୁ ପ୍ରତି ରୋଗୀଙ୍କୁ ପ୍ରତି ମାସରେ ୫୦୦ଟଙ୍କା ଲେଖାଏ ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ। ତାହା ରୋଗୀଙ୍କ ବ୍ୟାଙ୍କ ଆକାଉଣ୍ଟରେ ଜମା ହେବ। ୨୦୧୯-୨୦ରେ ୨୧୩ଜଣ ଯକ୍ଷ୍ମାରୋଗୀ ଚିହ୍ନଟ ହୋଇଥିବା ବେଳେ ୧୮୪ଜଣ ଆରୋଗ୍ୟ ଲାଭ କରିଛନ୍ତି। ୨୦୨୦-୨୧ରେ ରୋଗୀସଂଖ୍ୟା ହ୍ରାସ ପାଇଥିବା ବେଳେ ଜନସଚେତନତା ଉପରେ ଗୁରୁତ୍ୱ ଦିଆଯାଉଛି ବୋଲି କହିଛନ୍ତି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧରେ ବିପିଏମ୍ କଲ୍ୟାଣୀ ସାହୁ, ଜିଲା ଯକ୍ଷ୍ମା ସଂଯୋଜକ ମନୋରଞ୍ଜନ ପାତ୍ର, ପ୍ରଜ୍ଞାଜ୍ୟୋତି ସ୍ୱାଇଁଙ୍କ ସମେତ ବହୁ ସ୍ୱାସ୍ଥ୍ୟକର୍ମୀ ଉପସ୍ଥିତ ଥିଲେ।

### ପୀର ସାହେବଙ୍କ ଜନ୍ମ ଶତବାର୍ଷିକ ଉତ୍ସବ

**କୃଷ୍ଣପ୍ରସାଦ,୨୬।୨(ଡି.ଏନ୍.ଏ.):** କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଭଗବାନପୁର ବସ୍ତି ମାଣିକପାଟଣାଠାରେ ଶୁକ୍ରବାର ପୀର ସାହେବଙ୍କ ଜନ୍ମ ଶତବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ପୀର ସାହେବଙ୍କ ଚାଦର ଅପରାହ୍ନ ୩ଟାରେ ଏକ ଶୋଭାଯାତ୍ରାରେ ବାହାରି ଗ୍ରାମ ପରିକ୍ରମା କରି ପୀର ସାହେବଙ୍କ ପୀଠରେ ପହଞ୍ଚିଥିଲା। ଅପରାହ୍ନ ୫ଟାରେ ମୌଲାନା ସୟଦ ମୁକିମୁର ରହେମାନ ଜଗତ କଲ୍ୟାଣ ନିମନ୍ତେ ସମୂହ ଭକ୍ତଙ୍କ ଗହଣରେ ଆଲ୍ଲାଙ୍କୁ ପ୍ରାର୍ଥନା କରିଥିଲେ। ତତ୍ପରେ ଶିରଣି ପ୍ରସାଦ ବଣ୍ଟନ କରାଯାଇଥିଲା। ସାୟେର ଅସଦ୍ ଇକ୍‌ବାଲ୍, ସାୟେର ମମତାଜ ତାଣ୍ଡବି ଭଜନ ପରିବେଷଣ କରିଥିଲେ। ଗ୍ରାମବାସୀଙ୍କ ସମେତ ଉର୍ସ କମିଟି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଭାଇଚାରାର ଏହି ପର୍ବରେ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। କରୋନା କଟକଣା ଯୋଗୁ ଚଳିତବର୍ଷ ସାଂସ୍କୃତିକ କାର୍ଯ୍ୟକ୍ରମ ବନ୍ଦ ରହିଛି।

# ଚିଲିକା ଛାଡ଼ିଲେ ବିଦେଶୀ ପକ୍ଷୀ

**ବାଲୁଗାଁ,୨୬।୨(ଡି.ଏନ୍.ଏ.)**



ଶୀତ ପ୍ରକୋପ ଥମି ଆସୁଥିବା ବେଳେ ଚିଲିକାରୁ ବିଦେଶାଗତ ପକ୍ଷୀ ଘରମୁହାଁ ହେବାରେ ଲାଗିଛନ୍ତି। ପ୍ରତ୍ୟାବର୍ତ୍ତନ ପୂର୍ବରୁ ଚିଲିକା ମଧ୍ୟସ୍ଥ ନଳବଣ ଆକାଶରେ ରଙ୍ଗବେରଙ୍ଗର ବିଭିନ୍ନ ପ୍ରଜାତିର ପକ୍ଷୀ ଏକତ୍ରିତ ହୋଇ ପର୍ଯ୍ୟାୟକ୍ରମେ ସ୍ୱଦେଶକୁ ଫେରିବା ଆରମ୍ଭ କରିଛନ୍ତି। ପ୍ରକାଶ ଯେ, ଗତ ନଭେମ୍ବର ପହିଲାରୁ ଚିଲିକାକୁ ବିଦେଶାଗତ ରଙ୍ଗବେରଙ୍ଗ ପକ୍ଷୀଙ୍କ ଆଗମନ ଆରମ୍ଭ ହୋଇଥିଲା। ଉପଯୁକ୍ତ ଖାଦ୍ୟ ଓ ନିରାପଦ ବାସସ୍ଥାନ ଅନ୍ୱେଷଣରେ ଏଠାକୁ ଆସିଥାନ୍ତି। ଗୁଳ୍ମଜାତୀୟ ଉଦ୍ଭିଦ, ଛୋଟ ମାଛ, କଙ୍କଡ଼ା, ଜଳଚର କୀଟପତଙ୍ଗ ଆଦି ଏହି ପକ୍ଷୀଙ୍କ ଆହାର ପାଲଟିଥାଏ। ଏଥିସହିତ ଅଭୟାରଣ୍ୟ ନଳବଣକୁ ପକ୍ଷୀମାନେ ନିରାପଦ ବାସସ୍ଥାନ ଭାବେ ଗ୍ରହଣ କରିବା ସହ ସେଠାରେ ତିନି ମାସ ମଧରେ ପକ୍ଷୀମାନେ ଅଣ୍ଡା ଦେଇ ବଂଶ ବିସ୍ତାର କରିଥାନ୍ତି। ପୁନର୍ବାର ଫେବୃୟାରୀ ମାସ ମଧ୍ୟଭାଗରେ ଧରାପୃଷ୍ଠକୁ ଗ୍ରୀଷ୍ମ ଛୁଇଁବା ମାତ୍ରେ ଏହି ପକ୍ଷୀ ସବୁ ଶାବକଙ୍କ ସହ ନିଜ ନିଜ ଘରକୁ ଫେରିବା ଆରମ୍ଭ କରିଥାନ୍ତି। ଚଳିତବର୍ଷ ଚିଲିକାରେ ମୋଟ ୧୨ ଲକ୍ଷ ୪୨ ହଜାର ୮୨୬ ପକ୍ଷୀଙ୍କ ସମାଗମ ହୋଇଥିଲା। ତନ୍ମଧ୍ୟରୁ ନଳବଣରେ ୪ ଲକ୍ଷ ୨୪ ହଜାର ୭୮୮ ପକ୍ଷୀଙ୍କ ସମାଗମ ହୋଇଥିଲା ବୋଲି ଜାନୁୟାରୀ ୫ରେ ବିଭାଗୀୟ ଗଣନାରୁ ଜଣାପଡିଥିଲା। ବିଗତବର୍ଷ ମଧ୍ୟରେ ଚିଲିକାରେ ୨୨୦ରୁ ଊର୍ଦ୍ଧ୍ୱ ପ୍ରଜାତିର ବିଦେଶୀ ପକ୍ଷୀଙ୍କୁ ଚିହ୍ନଟ କରାଯାଇଥିବା ବେଳେ ଚଳିତବର୍ଷ ପ୍ରଜାତି ସଂଖ୍ୟା ହ୍ରାସ ପାଇ ୧୯୦ରେ ପହଞ୍ଚିଛି। ସେମାନଙ୍କ ମଧ୍ୟରୁ ୟୁରାସିଆନ୍ ୟୁଜିଅନ୍, ପିଣ୍ଟେଲ୍, ଗଡ଼ୱିଟ୍, ସୋଭଲର, ଗଡ଼ୱାଲ୍ ଆଦି ପ୍ରଜାତି ସର୍ବାଧିକ ଥିଲେ। ଚଳିତବର୍ଷ ନୂତନ ଅତିଥିଭାବେ ମାଲାଡ଼, ଫାଲ୍‌କାଟେଡ୍ ଟେଲ୍ ନାମକ ପକ୍ଷୀଙ୍କୁ ଦେଖିବାକୁ ମିଳିଥିଲା। ଚିଲିକାରୁ ଶୋଭା ବର୍ଦ୍ଧନକାରୀ ଫ୍ଲେମିଂଗୋ (ଏରାପକ୍ଷୀ) ବିଗତ ବର୍ଷମାନଙ୍କରେ ୩ ହଜାରରୁ ଊର୍ଦ୍ଧ୍ୱ ଦୃଷ୍ଟିଗୋଚର ହୋଇଥିଲେ। କିନ୍ତୁ ଚଳିତବର୍ଷ ଏହି ସଂଖ୍ୟା ହ୍ରାସପାଇ ୧୮୦ରେ ପହଞ୍ଚିଥିଲା। ତାପମାତ୍ରା ବୃଦ୍ଧି ପାଇବା ସଙ୍ଗେ ସଙ୍ଗେ ଏକ ସପ୍ତାହ ମଧ୍ୟରେ ଚିଲିକାରୁ ପ୍ରାୟ ୨ ଲକ୍ଷରୁ ଊର୍ଦ୍ଧ୍ୱ ବିଦେଶୀ ପକ୍ଷୀ ପର୍ଯ୍ୟାୟକ୍ରମେ ନିଜ ନିଜ ଭିଟାମାଟିକୁ ଫେରିଯାଇଥିବା ଜଣାପଡ଼ିଛି।

# ଆଇଆଇଟି ଭୁବନେଶ୍ୱରକୁ ୟୁନିଭର୍ସିଟି ଅଫ୍ ଦି ଇୟର ପୁରସ୍କାର

**ଜଟଣୀ,୨୬।୨(ଡି.ଏନ୍.ଏ.)**

ଜଟଣୀ ଅରଗୁଳସ୍ଥିତ ଆଇଆଇଟି ଭୁବନେଶ୍ୱରକୁ ୟୁନିଭର୍ସିଟି ଅଫ୍ ଦି ଇୟର ପୁରସ୍କାର ମିଳିଛି। ଦେଶରେ ୧୧ରୁ ୩୦ବର୍ଷ ମଧ୍ୟରେ ଶିକ୍ଷା ପ୍ରଦାନ କରୁଥିବା ଶିକ୍ଷାନୁଷ୍ଠାନଙ୍କୁ ସେମାନଙ୍କର ବିଶେଷ ଶିକ୍ଷାଦାନ ପଦ୍ଧତି ପାଇଁ ଏହି ପୁରସ୍କାର ଦିଆଯାଇଥାଏ। ଏହି ପରିପ୍ରେକ୍ଷୀରେ ଏଫ୍‌ଆଇସିସି ଦ୍ୱାରା ଆୟୋଜିତ ଉଚ୍ଚଶିକ୍ଷାରେ ଉତ୍କୃଷ୍ଟତା ପୁରସ୍କାର-୨୦୨୧ ଅନ୍‌ଲାଇନ୍ ମୋଡ୍‌ରେ ପୁରସ୍କାର ପ୍ରଦାନ କରାଯାଇଛି। ସୂଚନା ମୁତାବକ, ମୋଟ ୧୧ଟି କାଟାଗୋରୀ ମଧ୍ୟରୁ ୭ମ କାଟାଗୋରିରେ ଆଇଆଇଟି, ଭୁବନେଶ୍ୱର ୧୬ତମ ଏଫ୍‌ଆଇସିସି ଉଚ୍ଚଶିକ୍ଷା ସମ୍ମେଳନ-୨୦୨୧ରେ ଏହି ପୁରସ୍କାର ପାଇବାର ଗୌରବ ଅର୍ଜନ କରିଥିବା ଆଇଆଇଟି ପକ୍ଷରୁ ସୂଚନା ମିଳିଛି। ଏନେଇ ଆଇଆଇଟି ଭୁବନେଶ୍ୱର ଡାଇରେକ୍ଟର ପ୍ରଫେସର ଆର.ଭି.ରାଜକୁମାର କହିଛନ୍ତି, ଆମ ଅନୁଷ୍ଠାନ ପ୍ରତି କ୍ଷେତ୍ରରେ ଛାତ୍ରୀଛାତ୍ରଙ୍କୁ ସାମଗ୍ରିକ ଭାବେ ଉନ୍ନତମାନର ବିଶ୍ୱସ୍ତରୀୟ ଅଧ୍ୟାପନା ମାଧ୍ୟମରେ ଶିକ୍ଷା ପ୍ରଦାନ କରି ଦେଶରେ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛି। ତେବେ କୋଭିଡ-୧୯ ସମୟରେ ଛାତ୍ରୀଛାତ୍ରଙ୍କୁ ଅନେକ ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପଡିଥିଲା। ସମସ୍ତ ସମସ୍ୟାକୁ ଭୃକ୍ଷେପ ନ କରି ସଂସ୍ଥା ଇନୋଭେଟିଭ୍ ଉପାୟରେ ଶିକ୍ଷାନୁଷ୍ଠାନର ସମସ୍ତ ପରୀକ୍ଷାଠାରୁ ଆରମ୍ଭକରି ରିସର୍ଚ୍ଚ ପର୍ଯ୍ୟନ୍ତ କାର୍ଯ୍ୟ ସଫଳତାର ସହିତ ସମାପନ କରିଥିଲା। ଏହି ମର୍ମରେ ଗତ ୨୯ ଜାନୁୟାରୀରେ ଏକ ୮ମିନିଟ୍ ବୃତ୍ତଚିତ୍ର ଜୁରୀମାନଙ୍କ ନିକଟରେ ଉପସ୍ଥାପନ କରିଥିଲେ। ସମସ୍ତ ଅଧ୍ୟାପକ ଏବଂ ଛାତ୍ରୀଛାତ୍ରଙ୍କ ପରିଶ୍ରମ ଫଳରେ ଆଇଆଇଟି ଭୁବନେଶ୍ୱର ଏଭଳି ପୁରସ୍କାର ପାଇବା ଏକ ବଡ଼ ଉପଲବ୍ଧ ବୋଲି କହିଛନ୍ତି।

## ପ୍ରବାସୀଙ୍କ ଉପରେ ନଜର ରଖିବାକୁ ପରାମର୍ଶ

**ଖୋର୍ଦ୍ଧା ଅଫିସ,୨୬।୨**

ମହାରାଷ୍ଟ୍ର ସମେତ ପଡ଼ୋଶୀ ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବାରୁ ରାଜ୍ୟ ସରକାର କୋଭିଡ୍ କଟକଣାକୁ କଡାକଡି କରିଛନ୍ତି। ଏସ୍‌ଆର୍‌ସି ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏନେଇ ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ବ୍ଲକ ଏବଂ ପଞ୍ଚାୟତ ଅଞ୍ଚଳକୁ ଅନ୍ୟ ରାଜ୍ୟରୁ ଆସୁଥିବା ପ୍ରବାସୀଙ୍କ ଉପରେ ନଜର ରଖିବା ଲାଗି ଜିଲାପାଳ ସନତ ମହାନ୍ତି ବିଡିଓ, ତହସିଲଦାର ଏବଂ ସରପଞ୍ଚମାନଙ୍କୁ ପରାମର୍ଶ ଦେଇଛନ୍ତି। ବାହାରୁ କୌଣସି ବ୍ୟକ୍ତି ଆସିଲେ, ସେମାନଙ୍କ ସମ୍ପର୍କରେ ସ୍ଥାନୀୟ ପ୍ରଶାସନକୁ ଜଣାଇବା ଲାଗି କୁହାଯାଇଛି। ବାହାରୁ ଆସୁଥିବା କୌଣସି ବ୍ୟକ୍ତିଙ୍କଠାରେ ଲକ୍ଷଣ ଦେଖାଦେଲେ, ପ୍ରଶାସନକୁ ଜଣାଇବାକୁ ପରାମର୍ଶ ଦିଆଯାଇଛି। ପ୍ରବାସୀଙ୍କ ଉପରେ ନଜର ରହିଛି। ଏନେଇ ସ୍ୱତନ୍ତ୍ର ଟିମ୍ ଗଠନ କରାଯିବ। ଏହି ଟିମ୍ ନିୟମିତ ଭାବେ ରିପୋର୍ଟ କରିବେ। ପ୍ରକାଶ ଯେ, କରୋନା ସମୟରେ ମହାରାଷ୍ଟ୍ର, ଗୁଜରାଟ, ଆନ୍ଧ୍ରପ୍ରଦେଶ, ମଧ୍ୟପ୍ରଦେଶ, ତାମିଲନାଡୁ, କେରଳ, ପଶ୍ଚିମବଙ୍ଗ ଅଞ୍ଚଳରୁ ପ୍ରବାସୀ ଶ୍ରମିକ ଖୋର୍ଦ୍ଧାକୁ ଫେରିଥିଲେ।

## ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

**ଜଟଣୀ,୨୬।୨(ଡି.ଏନ୍.ଏ.)**

ଜଟଣୀ ବ୍ଲକ ଅନ୍ତର୍ଗତ ଉପରବସ୍ତ ମୁଣ୍ଡଳୀସାହିରେ ଶୁକ୍ରବାର ଜଣେ ମହିଳାଙ୍କ ସନ୍ଦେହଜନକଭାବେ ମୃତ୍ୟୁ ଘଟିଛି। ସେ ହେଲେ ଜୟକୃଷ୍ଣ ରଣାଙ୍କ ସ୍ତ୍ରୀ ପ୍ରଭାସିନୀ। ଖବରପାଇ ଜଟଣୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ଅନ୍ୟପଟେ ଶାଶୁଘର ଲୋକେ ତାଙ୍କୁ ହତ୍ୟା କରିଛନ୍ତି ବୋଲି ମୃତାଙ୍କ ଭଉଣୀ ବନଜାସିନୀ ମହାପାତ୍ର ଅଭିଯୋଗ ଆଣିଛନ୍ତି। ସୂଚନା ମୁତାବକ, ୧୬ବର୍ଷ ପୂର୍ବେ ଜଙ୍କିଆ ଥାନା ଅଧୀନ ଛଣିଗିରି ଗ୍ରାମର ଯୋଗୀ ମହାପାତ୍ରଙ୍କ ଝିଅ ପ୍ରଭାସିନୀ ଉପରବସ୍ତ ଗ୍ରାମର ଜୟକୃଷ୍ଣଙ୍କୁ ବିବାହ କରିଥିଲେ। ବିବାହ ପରଠାରୁ ଶାଶୁଘର ଲୋକ ଯୌତୁକ ପାଇଁ ନିର୍ଯାତନା ଦେବାରୁ ଶୁକ୍ରବାର ସକାଳେ ପ୍ରଭାସିନୀଙ୍କ ମୃତ୍ୟୁ ଘଟିଛି ବୋଲି ତାଙ୍କ ଭଉଣୀ ବନଜାସିନୀ ଅଭିଯୋଗ ଆଣିଛନ୍ତି। ଖବର ଲେଖା ହେବା ପର୍ଯ୍ୟନ୍ତ ଏନେଇ ଥାନାରେ ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି।

## ଫୁଟବଲ: ଫାଇନାଲରେ ଶ୍ରଦ୍ଧାପୁର

**ଜଟଣୀ,୨୬।୨(ଡି.ଏନ୍.ଏ.)**

ଜଟଣୀ ବ୍ଲକ ଅଧୀନ ହରିପୁର ଗ୍ରାମଠାରେ ଚାଲିଥିବା ଅଷ୍ଟମ ବାର୍ଷିକ ବୁଦ୍ଧ ନାରାୟଣ ଫୁଟବଲ୍ ଟୁର୍ନାମେଣ୍ଟରେ ଶୁକ୍ରବାର ପୁରୀର ଶ୍ରୀ ନୀଳଚକ୍ର ଫୁଟବଲ କ୍ଲବକୁ ହରାଇ ଶ୍ରଦ୍ଧାପୁର ଫୁଟ୍‌ବଲ ଏକାଡେମୀ ବିଜୟୀ ହେବା ସହ ଫାଇନାଲରେ ପ୍ରବେଶ କରିଛି। ଶ୍ରଦ୍ଧାପୁର ଟିମ୍ ୨ଟି ଗୋଲ ଦେଇଥିବା ବେଳେ ନୀଳଚକ୍ର କ୍ଲବ କୌଣସି ଗୋଲ ଦେଇ ନ ପାରି ପରାଜିତ ହୋଇଥିଲା। ଅତିଥିଭାବେ ଡ. ପ୍ରଶାନ୍ତ ପଣ୍ଡା, ପୂର୍ବତନ ସରପଞ୍ଚ ଧନଞ୍ଜୟ ହରିଚନ୍ଦନ ମହାପାତ୍ର, ପୁରୀ ଜିଲା କଂଗ୍ରେସ ସଭାପତି ଅଜିତ୍ ମଙ୍ଗରାଜ, ଓଡ଼ିଆ ଚଳଚ୍ଚିତ୍ର ତାରକା କୁମାର ମୁକେଶ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଶେଖ୍ ନାସିରଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ଭାବେ ବିବେଚିତ କରାଯାଇ ପୁରସ୍କୃତ କରାଯାଇଥିଲା। ରମେଶ ପାଇକରାୟ, ପ୍ରଫୁଲ୍ଲ ବେହେରା ଓ ବିଷ୍ଣୁ ପଟ୍ଟନାୟକ ମ୍ୟାଚ୍ ପରିଚାଳନା କରିଥିଲେ।

## ଚିଲିକା ମଝିରେ ଅଟକିଲା ଭସାପୋଲ



ଚିଲିକା ମଝିରେ ଅଟକି ରହିଥିବା ଭସାପୋଲ।

**କୃଷ୍ଣପ୍ରସାଦ,୨୬।୨(ଡି.ଏନ୍.ଏ.)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ସାତପଡ଼ାରୁ ଜହ୍ନିକୁଦା ଯାତାୟାତ କରୁଥିବା ଯାତ୍ରୀବାହୀ ଭସାପୋଲ ତଥା ଭେସେଲ ଶୁକ୍ରବାର ଅପରାହ୍ନ ୫ଟାରେ ଚିଲିକା ମଝିରେ ଅଟକି ଯାଇଥିଲା। କିଛି ସମୟ ପରେ ଆପେ ଆପେ ଖସିଯାଇ ଗନ୍ତବ୍ୟ ସ୍ଥଳକୁ ଯାତ୍ରା କରିଥିଲା। ସୂଚନା ମୁତାବକ, ଅପରାହ୍ନ ୪ଟା ୪୫ରେ ସାତପଡ଼ାରୁ ଜହ୍ନିକୁଦା ଯାତ୍ରୀ ନେଇ ଯାଉଥିବା ଭେସେଲ ଡ୍ରାଇଭରଙ୍କ ବେପରୁଆ ଚାଳନା ଯୋଗୁ ମଏଁଷା ଗାଁ ନିକଟ ଚିଲିକାର ଏକ ଡିପରେ ଲାଗି ଯାଇଥିଲା। ଫଳରେ ଭେସେଲରେ ଥିବା ୭୦ ଯାତ୍ରୀଙ୍କ ମଧ୍ୟରେ ଭୟର ବାତାବରଣ ଖେଳି ଯାଇଥିଲା। ବିଭାଗୀୟ କର୍ମଚାରୀ, କର୍ତ୍ତୃପକ୍ଷଙ୍କ ସହ ମଧ ଯୋଗାଯୋଗ ହୋଇପାରି ନ ଥିଲା। କିଛି ସମୟ ପରେ ଭେସେଲଟି ଆପେ ଆପେ ଡିପରୁ ଖସି ଯାଇ ଗନ୍ତବ୍ୟ ସ୍ଥଳକୁ ଯାତ୍ରା କରିଥିଲା। ଚିଲିକା ମଧ୍ୟରେ ଯାଇଥିବା ଭେସଲ ରାସ୍ତାକୁ ଖୋଳିବାରେ ଅବହେଳା ଯୋଗୁ ବାରମ୍ବାର ଏଭଳି ଦୁର୍ଘଟଣା ଘଟୁଥିବା ଜଣାପଡ଼ିଛି।

# ସିଲିଣ୍ଡର ଫାଟି ଜଳିଗଲା ୪ ଦୋକାନ

**୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ନଷ୍ଟ**

**ଖୋର୍ଦ୍ଧା ଅଫିସ,୨୬।୨**



ଅଗ୍ନିଶମ କର୍ମଚାରୀମାନେ ନିଆଁ ଲିଭାଉଛନ୍ତି।

ଖୋର୍ଦ୍ଧା ନୂଆ ବସ୍‌ଷ୍ଟାଣ୍ଡ ନିକଟରେ ଶୁକ୍ରବାର ଗ୍ୟାସ ସିଲିଣ୍ଡର ଫାଟି ୪ଟି ଦୋକାନ ଜଳିଯାଇଛି। ଅଗ୍ନିକାଣ୍ଡରେ ପ୍ରାୟ ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ପୋଡ଼ି ନଷ୍ଟ ହୋଇ ଯାଇଥିବା ବେଳେ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ଉଦ୍ଧାର କରାଯାଇଥିବା ଅଗ୍ନିଶମ ସେବାସଂସ୍ଥା ପକ୍ଷରୁ କୁହାଯାଇଛି। ତେବେ ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଛି। ଏଥିରେ କୌଣସି ଜୀବନହାନି ହୋଇ ନ ଥିବା ଜଣାପଡ଼ିଛି।

ସୂଚନା ମୁତାବକ, ବ୍ୟବସାୟୀ ସଂଘ ଡାକରାରେ ଖୋର୍ଦ୍ଧାର ସମସ୍ତ ଦୋକାନ ବଜାର ବନ୍ଦ ରହିଥିଲା। ଅପରାହ୍ନ ପ୍ରାୟ ୪ଟାରେ ନୂଆ ବସଷ୍ଟାଣ୍ଡ ରାସ୍ତା ପାର୍ଶ୍ୱରେ ଥିବା ଦୋକାନ ପଛପଟ ଅଳିଆ ଗଦାରୁ ନିଆଁ ଲାଗି କୌଣସି ଏକ ଦୋକାନରେ ରହିଥିବା ସିଲିଣ୍ଡରରେ ନିଆଁ ଲାଗିଯିବାରୁ ହଠାତ୍ ବିସ୍ଫୋରଣ ହୋଇଥିଲା। ଫଳରେ ଗୋଟିଏ ଫର୍ଣ୍ଣିଚର ଦୋକାନ, ଲୁଗା ଦୋକାନ, ଫଳ ଦୋକାନ ଏବଂ ପରିବା ଦୋକାନରେ ଅଗ୍ନିକାଣ୍ଡ ଘଟି ସମସ୍ତ ସାମଗ୍ରୀ ପୋଡ଼ି ପାଉଁଶ ହୋଇ ଯାଇଥିଲା। ବିସ୍ଫୋରଣ ଶବ୍ଦରେ ନୂଆ ବସ୍‌ଷ୍ଟାଣ୍ଡ ଆଖପାଖ ଅଞ୍ଚଳ ଥରି ଉଠିଥିଲା। ସ୍ଥାନୀୟ ଲୋକେ ଆତଙ୍କିତ ହୋଇ ପଡିଥିଲେ। ନୂଆ ବସ୍‌ଷ୍ଟାଣ୍ଡ ସମ୍ପୂର୍ଣ୍ଣ ଧୂଆଁମୟ ହୋଇ ଯାଇଥିଲା। ଖବରପାଇ ଖୋର୍ଦ୍ଧା ଅଗ୍ନିଶମ ସେବା ସଂସ୍ଥା ଭାରପ୍ରାପ୍ତ ଅଧିକାରୀ ଶରତ ଚନ୍ଦ୍ର ମଲିକଙ୍କ ନେତୃତ୍ୱରେ ୧୫ରୁ ଊର୍ଦ୍ଧ୍ୱ କର୍ମଚାରୀ ଦୀର୍ଘ ଅଢ଼େଇ ଘଣ୍ଟା ପରେ ନିଆଁକୁ ଆୟତ୍ତ କରିଥିଲେ। ଏଥିରେ ଖୋର୍ଦ୍ଧା ଓ ଜଟଣୀର ୪ଟି ୱାଟର ଟ୍ୟାଙ୍କର ଲାଗିଥିଲା। ନିଆଁ ଧାସରୁ କୌଣସି ଏକ ଦୋକାନରେ ଥିବା ଗ୍ୟାସ ସିଲିଣ୍ଡର ବିସ୍ଫୋରଣ ହେବାରୁ ଏହି ଅଗ୍ନିକାଣ୍ଡ ଘଟିଥିଲା ବୋଲି ଖୋର୍ଦ୍ଧା ଅଗ୍ନିଶମ ସେବା ସଂସ୍ଥା ଭାରପ୍ରାପ୍ତ ଅଧିକାରୀ ମଲ୍ଲିକ କହିଛନ୍ତି। ଖବରପାଇ ସଦର ଏସ୍‌ଡିପିଓ ସୁଶିଲ କୁମାର ମିଶ୍ର, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଶତପଥୀ ପହଞ୍ଚି ଘଟଣାସ୍ଥଳ ଅନୁଧ୍ୟାନ କରିଛନ୍ତି। ଅନ୍ୟପଟେ ଖୋର୍ଦ୍ଧା ନଗର ବିଜୁ ଜନତା ଦଳର ସଙ୍ଗଠକ ଚନ୍ଦନ ପ୍ରଧାନ ବିପନ୍ନ ୪ ଦୋକାନୀଙ୍କୁ ୨୦ହଜାର ଟଙ୍କା ସହାୟତା ପ୍ରଦାନ କରିଛନ୍ତି।

## ୫୯ ଲକ୍ଷ ଠକେଇ: ଦିଲ୍ଲୀରୁ କଣ୍ଟ୍ରାକ୍ଟର ଗିରଫ

**ଭୁବନେଶ୍ୱର,୨୬।୨(ବ୍ୟୁରୋ)**

୫୯ଲକ୍ଷ ଟଙ୍କା ଠକେଇ ଅଭିଯୋଗରେ ଖଣ୍ଡଗିରି ଥାନା ପୋଲିସ ଜଣେ କଣ୍ଟ୍ରାକ୍ଟରଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଦିଲ୍ଲୀର ସଞ୍ଜୟ ଅଗ୍ରୱାଲ। ଦୀର୍ଘ ୪ବର୍ଷ ହେବ ସଞ୍ଜୟ ଟଙ୍କା ନେଇ ଫେରାର ଥିବାବେଳେ ଖଣ୍ଡଗିରି ଥାନା ଏସ୍‌ଆଇ ନିରଞ୍ଜନ ଓଝାଙ୍କ ନେତୃତ୍ୱରେ ଏକ ଟିମ ଦିଲ୍ଲୀ ଯାଇ ତାଙ୍କୁ ଧରିଛନ୍ତି। ଶୁକ୍ରବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

ସୂଚନା ଅନୁଯାୟୀ, ସଞ୍ଜୟଙ୍କର ଦିଲ୍ଲୀରେ ଏକ ବଡ କନ୍‌ଷ୍ଟ୍ରକ୍ସନ କମ୍ପାନି ରହିଛି। ସେ କୋଲକାତାରେ ସେଣ୍ଟ୍ରାଲ ପବ୍ଲିକ୍ ୱାର୍କ ଡିପାର୍ଟମେଣ୍ଟ (ସିପିଡବ୍ଲ୍ୟୁ) ପକ୍ଷରୁ ମିଳିଥିବା ଏକ ବିଲ୍ଡିଂ କନ୍‌ଷ୍ଟ୍ରକ୍ସନ ଟେଣ୍ଡର ନେଇଥିଲେ। ନିର୍ମାଣର କିଛି ଦିନ ପରେ ଅନ୍ୟ ଏକ ଟେଣ୍ଡର ଆସିବାରୁ ସଞ୍ଜୟ ଉକ୍ତ ନିର୍ମାଣ କାର୍ଯ୍ୟ ଅଧାରୁ ବନ୍ଦ କରିଦେଇଥିଲେ। ଏହା ପରେ ସେ ଭୁବନେଶ୍ୱରର ବିମଲ ଅଗ୍ରୱାଲଙ୍କ ପିଜିଏଲ ପ୍ରାଇଭେଟ୍ ଲିମିଟେଡ ସଂସ୍ଥାକୁ ବାକି କାମ କରିବାକୁ କହିଥିଲେ। ପିଜିଏଲ ପକ୍ଷରୁ ଉକ୍ତ ପ୍ରୋଜେକ୍ଟରେ ୧ କୋଟି ୯୪ଲକ୍ଷ ଟଙ୍କା ନିବେଶ କରାଯାଇଥିଲା। ସଞ୍ଜୟ ଏବାବଦରେ ବିମଲଙ୍କୁ ୧ କୋଟି ୪୧ଲକ୍ଷ ଟଙ୍କା ଦେଇଥିବା ବେଳେ ୫୯ଲକ୍ଷ ଟଙ୍କା ବାକି ରଖିଥିଲେ। ବିମଲ ବାରମ୍ବାର ମାଗିବା ସତ୍ତ୍ୱେ ସଞ୍ଜୟ ଟଙ୍କା ଦେଉ ନ ଥିଲେ। ଏନେଇ ବିମଲ ଖଣ୍ଡଗିରି ଥାନାରେ ଅଭିଯୋଗ କରିଥିଲେ।

## ସ୍କୁଲରେ ପାନୀୟଜଳ ବ୍ୟବସ୍ଥାକୁ ଗୁରୁତ୍ୱ

**ଖୋର୍ଦ୍ଧା ଅଫିସ,୨୬।୨**

**ଆଜି ପ୍ରଧାନଶିକ୍ଷକଙ୍କ ସହ ଭର୍ଚୁଆଲରେ ଆଲୋଚନା**

ସମ୍ଭାବ୍ୟ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସ୍କୁଲ ଓ ଗଣଶିକ୍ଷା ବିଭାଗ ସକାଳୁଆ ସ୍କୁଲ ଲାଗି ନିଷ୍ପତ୍ତି ନେଇଛନ୍ତି। ସକାଳ ୭ଟାରୁ ୯ଟା ନବମ ଓ ଏକାଦଶ ଏବଂ ୯ଟାରୁ ୧ଟା ପର୍ଯ୍ୟନ୍ତ ଦଶମ ଓ ଦ୍ୱାଦଶ ଶ୍ରେଣୀ ପାଠପଢ଼ା ହେବ। ଏନେଇ ଅତିରିକ୍ତ ସଚିବ ସମସ୍ତ ଜିଲା ଶିକ୍ଷାଧିକାରୀଙ୍କୁ ଚିଠି ଲେଖିଛନ୍ତି। ଏ ସମ୍ପର୍କରେ ଜିଲା ଶିକ୍ଷାଧିକାରୀ ବନ୍ଦନା ମହାପାତ୍ର କହିଛନ୍ତି, ଅତିରିକ୍ତ ସଚିବଙ୍କ ଚିଠି ପାଇବା ପରେ ତୁରନ୍ତ ଏ ସମ୍ପର୍କରେ ହ୍ୱାଟ୍‌ସଆପ୍ ଗ୍ରୁପରେ ଶେୟାର କରାଯାଇଛି। କୋଭିଡ୍ ଗାଇଡ୍‌ଲାଇନ ଅନୁଯାୟୀ ସମସ୍ତ ବ୍ୟବସ୍ଥା କରାଯିବ। ସକାଳୁଆ ସ୍କୁଲ ପାଇଁ ଖୋର୍ଦ୍ଧା ଜିଲା ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ରହିଛି। ସମସ୍ତ ବିଦ୍ୟାଳୟରେ ପାନୀୟ ଜଳ ବ୍ୟବସ୍ଥା ରହିଛି। କୌଣସି ବିଦ୍ୟାଳୟର ଟ୍ୟୁବଲ ଏବଂ ପାନୀୟ ଜଳ ସମସ୍ୟା ରହିଥିଲେ, ତାହାକୁ ତୁରନ୍ତ ସଜାଡ଼ିବା ଲାଗି କୁହାଯାଇଛି। ପର୍ଯ୍ୟାପ୍ତ ମାତ୍ରାରେ ଓଆରଏସ୍ ରଖିବା ବ୍ୟବସ୍ଥା କରାଯିବ। ଏଥିସହ ସ୍କୁଲରେ କୌଣସି ପିଲାଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଦେଲେ ତୁରନ୍ତ ସ୍ଥାନୀୟ ଚିକିତ୍ସାଳୟକୁ ନେବା ବ୍ୟବସ୍ଥା କରାଯିବ। ସମସ୍ତ ବିଇଓ ନିଜ ଅଞ୍ଚଳରେ ଏଥିଲାଗି ଗୁରୁତ୍ୱ ଦେବେ। ଆସିଥିବା ଗାଇଡ୍‌ଲାଇନ୍ ସମ୍ପର୍କରେ ଶନିବାର ସମସ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ସହ ଭର୍ଚୁଆଲରେ ଆଲୋଚନା କରାଯିବ। କୋଭିଡ୍ କଟକଣା ଲାଗି କରୋନା ସମୟରୁ ଜିଲା ଶିକ୍ଷା ବିଭାଗ ପକ୍ଷରୁ ଏକ ହେଲ୍ପ ଲାଇନ ନମ୍ବର ଜାରି କରାଯାଇଛି। ଏଥିସହ ସମସ୍ତ ବିଇଓ ଏବଂ ମୋ ନମ୍ବର ଜାରି କରାଯାଇଛି। କୌଣସି ବିଦ୍ୟାଳୟରେ କିଛି ଅସୁବିଧା ହେଲେ ସିଧାସଳଖ ମୋ ସହ ଆଲୋଚନା କରିବାକୁ କୁହାଯାଇଛି। ବିଦ୍ୟାଳୟର ଅନ୍ୟାନ୍ୟ ବ୍ୟବସ୍ଥା ଦେଖିବା ଲାଗି ସ୍କୁଲ ପରିଚାଳନା କମିଟି ସହ ଆଲୋଚନା କରାଯିବ। ଗ୍ରୀଷ୍ମ ପ୍ରବାହ ଦୃଷ୍ଟିରୁ ପିଲାମାନେ ଆସିବା ବେଳେ ସାଥିରେ ୱାଟର ବୋତଲ ଆଣିବେ। ଏଥିଲାଗି ଅଭିଭାବକମାନେ ଗୁରୁତ୍ୱ ଦେବାକୁ ଡିଇଓ ମହାପାତ୍ର କହିଛନ୍ତି।

# ଖୋର୍ଦ୍ଧାରେ ବନ୍ଦ ଶାନ୍ତିପୂର୍ଣ୍ଣ



ଖୋର୍ଦ୍ଧା ସହରରେ ବ୍ୟବସାୟୀମାନେ ବାଇକ୍ ଶୋଭାଯାତ୍ରା କରୁଛନ୍ତି।



ଜଟଣୀର ଦୋକାନ ବଜାର ବନ୍ଦ ରହିଛି।

**ଖୋର୍ଦ୍ଧା ଅଫିସ/ ବାଲୁଗାଁ/ ନିରାକାରପୁର/ ଜଟଣୀ, ୨୬।୨(ଡି.ଏନ୍.ଏ.)**

ଜିଏସ୍‌ଟି ଆଇନ ସଂଶୋଧନ ତଥା ସରଳୀକରଣ ଦାବିରେ ସର୍ବଭାରତୀୟ ବ୍ୟବସାୟୀ ସଂଘ ପକ୍ଷରୁ ଶୁକ୍ରବାର ଭାରତ ବନ୍ଦ ଡାକରା ଦିଆଯାଇଥିଲା। ସଂଘର ଡାକରାରେ ଓଡ଼ିଶା ବ୍ୟବସାୟୀ ମହାସଂଘ ଆହ୍ୱାନକ୍ରମେ ଖୋର୍ଦ୍ଧାରେ ବନ୍ଦର ପ୍ରଭାବ ଦେଖିବାକୁ ମିଳିଥିଲା। ଅତ୍ୟାବଶ୍ୟକ ଦୋକାନ, ସାମଗ୍ରୀକୁ ବାଦ୍ ଦେଲେ ସମସ୍ତ ଦୋକାନ, ବଜାର, ବ୍ୟବସାୟିକ ପ୍ରତିଷ୍ଠାନ ବନ୍ଦ ରହିଥିଲା। ସକାଳ ୬ଟାରୁ ବନ୍ଦର ପ୍ରଭାବ ଦେଖିବାକୁ ମିଳିଥିଲା। ଏହି ବନ୍ଦକୁ ସମସ୍ତ କ୍ଷୁଦ୍ର, ମଧ୍ୟମ, ଫୁଟ୍‌ପାଥ ବ୍ୟବସାୟୀ ସମର୍ଥନ ଜଣାଇ ଦୋକାନ ବନ୍ଦ ରଖିଥିଲେ। ସହରରେ ବସ ଚଳାଚଳ ସ୍ୱାଭାବିକ ରହିଥିବା ବେଳେ ସରକାରୀ ଓ ଘରୋଇ କାର୍ଯ୍ୟାଳୟ ଖୋଲା ରହିଥିଲା। ସକାଳ ୮ଟାରେ ଖୋର୍ଦ୍ଧା ବ୍ୟବସାୟୀ ସଂଘର ଏକାଧିକ କର୍ମକର୍ତ୍ତା ବାଇକ୍ ଶୋଭାଯାତ୍ରାରେ ବାହାରି ନଗର ପରିକ୍ରମା କରିଥିଲେ। ବିଭିନ୍ନ ସ୍ଥାନରେ ପିକେଟିଂ କରିବା ସହ କେନ୍ଦ୍ର ସରକାରଙ୍କ ବିରୋଧରେ ବର୍ଷିଥିଲେ। ଆଇନଶୃଙ୍ଖଳା ଦୃଷ୍ଟିରୁ ବିଭିନ୍ନ ଛକ ଏବଂ ସରକାରୀ କାର୍ଯ୍ୟାଳୟ ଆଗରେ ପୋଲିସ ମୁତୟନ ରହିଥିଲେ। ସେହିପରି ବାଲୁଗାଁରେ ସକାଳ ୬ଟାରୁ ରାତି ପର୍ଯ୍ୟନ୍ତ ବ୍ୟବସାୟୀମାନେ ସମର୍ଥନ ଜଣାଇ ସ୍ୱତଃପ୍ରବୃତ୍ତ ଭାବେ ବନ୍ଦକୁ ସଫଳ କରିଥିଲେ। ଏହି ବନ୍ଦକୁ ସମର୍ଥନ ଦେଇଥିବାରୁ ବଣିକ ସଂଘ ସଭାପତି ରବିନାରାୟଣ ନାୟକ ସମସ୍ତ ବ୍ୟବସାୟୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ନିରାକାରପୁର ବଣିକ ସଂଘ ଡାକରାରେ ସ୍ଥାନୀୟ ଅଞ୍ଚଳରେ ଥିବା ଦୋକାନ, ବଜାର ବନ୍ଦ ରହିଥିଲା। ଜଟଣୀ ସହରର ସମସ୍ତ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରହିଥିବା ଦେଖିବାକୁ ମିଳିଥିଲା। ରାସ୍ତାଘାଟ ଜନଶୂନ୍ୟ ହୋଇପଡ଼ିଥିବା ବେଳେ କାଁଭାଁ ଛୋଟ ବ୍ୟବସାୟ ପ୍ରତିଷ୍ଠାନ ଖୋଲାଥିବା ଦେଖିବାକୁ ମିଳଥିଲା। ଶାନ୍ତିଶୃଙ୍ଖଳା ପାଇଁ କମିଶନରେଟ ପୋଲିସ ଜଟଣୀ ପକ୍ଷରୁ ପାଟ୍ରୋଲିଂର ବ୍ୟବସ୍ଥା କରାଯାଇଥିଲା।

## ବିଜେଡି ପ୍ରଶିକ୍ଷଣ ଶିବିର ପ୍ରସ୍ତୁତି ବୈଠକ

କୋଣାର୍କ,(ଡି.ଏନ୍.ଏ.):ଆସନ୍ତା ୩ ଓ ୪ତାରିଖରେ ଚନ୍ଦ୍ରଭାଗାରେ ବିଜେଡିର ନିର୍ବାଚନମଣ୍ଡଳୀସ୍ତରୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେବ। ଏ ନେଇ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ଅଧକ୍ଷତାରେ ଶୁକ୍ରବାର ଯାତ୍ରୀନିବାସ ସମ୍ମିଳନୀ କକ୍ଷରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ବିଜେଡି ରାଜ୍ୟ ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାଶ ଉଦ୍‌ଘାଟନ କରିବା ସହିତ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, ମନ୍ତ୍ରୀ ଅରୁଣ ସାହୁ, ଜିଲା ସଭାପତି ମହେଶ୍ୱର ମହାନ୍ତି, ସ୍ନେହାଙ୍ଗିନ ଛୁରିଆ, ରାଜ୍ୟ ସାଙ୍ଗଠନିକ ନେତୃବୃନ୍ଦ ଓ ବିଧାୟକ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ବୈଠକରେ ଜୀବନାନନ୍ଦ ମହାପାତ୍ର, ମଧୁସୂଦନ ପାଇକରାୟ ପ୍ରମୁଖ ଉପସ୍ଥିତ ଥିଲେ ।

**ସଂକ୍ଷେପରେ**

## ଅଭିଯୋଗର ୩ବର୍ଷ ପରେ ମାମଲା ରୁଜୁ

### ଯୌତୁକ ସାମଗ୍ରୀ ଜବତ

**ଗୋପ,୨୬।୨(ଡି.ଏନ୍.ଏ.):** ଗୋପ ଥାନା ଅଞ୍ଚଳରେ ନିର୍ଯାତନା ଦେବାରେ ନ୍ୟାୟ ପାଇଁ ଦୌଡ଼ୁଥିବା ଜଣେ ମହିଳାଙ୍କ ଅଭିଯୋଗ ପ୍ରାୟ ୩ ବର୍ଷ ପରେ ପୋଲିସ ରୁଜୁ କରିଛି। ଏ ନେଇ ପୋଲିସ ଏକ ମାମଲା (ନଂ. ୬୪/୨୧) ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଏହାସହ ଏହି ମାମଲାର ତଦନ୍ତ ଦାୟିତ୍ୱ ନେଇଥିବା ଅଧିକାରୀ ପ୍ରିୟା ପ୍ରଧାନ ଉକ୍ତ ମହିଳାଙ୍କୁ ସାଥୀରେ ଶ୍ୱଶୁର ଘରକୁ ନେଇ ଯୌତୁକ ସାମଗ୍ରୀ ଜବତ କରିଛନ୍ତି। ଅନ୍ୟପଟେ ସ୍ୱାମୀଙ୍କ ସହ ୬ଜଣ ଅଭିଯୁକ୍ତ ଫେରାର ଥିବାବେଳେ ଖୁବଶୀଘ୍ର ସେମାନଙ୍କୁ ଗିରଫ କରାଯିବ ବୋଲି ପୋଲିସ କହିଛି। ସୂଚନାଯୋଗ୍ୟ, ଗୋପ ଥାନା ଅଧିନ ଶିଶୋ ଗୋଲାସାହି ଗ୍ରାମର ସବିତା ମୁଦୁଲି ୨୦୧୪ ଜୁନ ୨୬ ରେ ଏହି ଥାନା ଅଧୀନ ବାଲିକନ୍ଦଳ ଗ୍ରାମର ଲିଙ୍ଗରାଜ ମୁଦୁଲିଙ୍କୁ ହିନ୍ଦୁ ବିବାହ କରିଥିଲେ। ବିବାହ ବେଳେ ନଗଦ ୧ ଲକ୍ଷ ଟଙ୍କା ସହ ସୁନା, ରୁପା ଅଳଙ୍କାର ଓ ଆସବାବପତ୍ର ଦିଆଯାଇଥିଲା। ହେଲେ କିଛିବର୍ଷ ପରେ ଅଧିକ ଯୌତୁକ ଦାବିରେ ଶଶୁର ଘର ସବିତାଙ୍କୁ ଶାରୀରିକ, ମାନସିକ ନିର୍ଯାତନା ଦେଇଥିଲେ । ଏପରି କି ସବିତାଙ୍କ ଏକ ପୁତ୍ର ସନ୍ତାନ ଜନ୍ମ ହୋଇ ଥିଲେ ବି ନିର୍ଯାତନା କମି ନ ଥିଲା। ସବିତା ସହ୍ୟ କରି ନ ପାରି ୨୦୧୭ରେ ପୁଅକୁ ଧରି ଥାନାରେ ଅଭିଯୋଗ କରିଥିଲେ। ସେହି ଦିନଠାରୁ ସବିତା ବାରମ୍ବାର ଥାନାକୁ ଯାଇଥିଲେ ମଧ ପୋଲିସ ସେତେଟା ଗୁରୁତ୍ୱ ଦେଇ ନ ଥିଲା। ଫଳରେ ସବିତା ବାପଘରେ ରହିଥିଲେ ମଧ ଶ୍ୱଶୁର ଘର ପକ୍ଷରୁ ନାନା ଧମକ ଦିଆଯାଉଥିଲା। ଶେଷରେ ସବିତା ପୁଣି ଗତ ୨୪ ତାରିଖରେ ଥାନାକୁ ଯାଇଥିବାବେଳେ ନୂତନ ଭାବରେ ଯୋଗଦେଇଥିବା ଥାନାଧିକାରୀ ଉପେନ୍ଦ୍ର ପ୍ରଧାନ ସଙ୍ଗେ ସଙ୍ଗେ ଏକ ଯୌତୁକ ମାମଲା ରୁଜୁ କରିବା ସହ ତଦନ୍ତ ଦାୟିତ୍ୱ ଅଧିକାରୀ ପ୍ରଧାନଙ୍କୁ ଦେଇଥିଲେ।

## ଆଜିଠୁ ଜାତୀୟସ୍ତରୀୟ ମୁଷ୍ଟିଯୁଦ୍ଧ ପ୍ରତିଯୋଗିତା

**ପୁରୀ ଅଫିସ,୨୬।୨:** ପୁରୀ ବକ୍ସିଂ ଏକାଡେମୀ ପକ୍ଷରୁ ଶନିବାରଠାରୁ ଶରଧାବାଲିଠାରେ ଜାତୀୟ ମୁଷ୍ଟିଯୁଦ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏ ନେଇ ପୁରୀ ସର୍କିଟ ହାଉସ୍‌ଠାରେ ଶୁକ୍ରବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଦେଶର ୧୬ଟି ରାଜ୍ୟରୁ ୨ଶହ ଜଣ ପ୍ରତିଯୋଗୀ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ନେଇ କାର୍ଯ୍ୟକ୍ରମ ରହିଛି। ଜୁନିୟର, ସବ୍ ଜୁନିୟର ଓ ସିନିୟର ଭଳି ୩ଟି ପ୍ରମୁଖ ବର୍ଗରେ ଏହି ପ୍ରତିଯୋଗିତା ହେବ ବୋଲି ପୁରୀ ବକ୍ସିଂ ଏକାଡେମୀ ସମ୍ପାଦକ ସୁଦର୍ଶନ ସାହୁ କହିଛନ୍ତି। ଶନିବାର ଓ ରବିବାର ଏହି ପ୍ରତିଯୋଗିତା ହେବ। ବର୍ତ୍ତମାନ ସୁଦ୍ଧା ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ ଓ ଓଡ଼ିଶାର ସମ୍ବଲପୁରରୁ ଟିମ୍ ପହଞ୍ଚି ସାରିଲେଣି। ପ୍ରତିଯୋଗିତା ପୂର୍ବରୁ ପ୍ରତିଯୋଗୀମାନଙ୍କ ଓଜନ ମାପ କରାଯାଇ ବିଭିନ୍ନ ଶ୍ରେଣୀରେ ବିଭକ୍ତ କରାଯିବ ଓ ଫିକ୍ସଚର ପ୍ରସ୍ତୁତ ହେବ। ବୈଠକରେ ପରାମର୍ଶଦାତା ରବୀନ୍ଦ୍ର କିଶୋର ସାହୁ ଓ ଉପସଭାପତି ଅଭିମନ୍ୟୁ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଶନିବାର ବକ୍ସିଂ ପ୍ରତିଯୋଗିତା ଉଦ୍‌ଘାଟନୀ ଉତ୍ସବରେ ଜିଲାପାଳ ସମର୍ଥ ବର୍ମା ଓ ଏସ୍‌ପି କନୱର ବିଶାଲ ସିଂ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।




ଶୁକ୍ରବାର ଭାରତ ବନ୍ଦ ପ୍ରଭାବରେ ଦୋକାନ ବନ୍ଦ ଥିବାରୁ ପୁରୀର ବଡ଼ଦାଣ୍ଡ ଖାଁ ଖାଁ ଦେଖାଯାଉଛି। ପୁରୀରେ ଖୋଲାଯାଇଥିବା ଏକ ଦୋକାନକୁ ବ୍ୟବସାୟୀମାନେ ବନ୍ଦ କରିବାକୁ କହୁଛନ୍ତି।

# ପୁରୀରେ ଭାରତ ବନ୍ଦ ସଫଳ

**ପୁରୀ ଅଫିସ,୨୬।୨**

ସର୍ବଭାରତୀୟ ବ୍ୟବସାୟୀ ସଂଘ ପକ୍ଷରୁ ଶୁକ୍ରବାର ଭାରତ ବନ୍ଦ ଡାକରା ଦେଇଥିବାବେଳେ ପୁରୀ ସହରର ବିଭିନ୍ନ ସ୍ଥାନରେ ସଫଳ ହୋଇଛି। ତେବେ କେତେକସ୍ଥାନରେ ଦୋକାନ ଖୋଲିଥିବାର ଦେଖିବାକୁ ମିଳିଛି। ଦ୍ୱିପ୍ରହର ପର୍ଯ୍ୟନ୍ତ ପୁରୀ ସହରର ବଡ଼ଦାଣ୍ଡ ଓ ଅଠରନଳା ନିକଟରେ ବନ୍ଦ ପାଳନ ପାଇଁ ଅଧିକାଂଶ ବ୍ୟବସାୟୀ ଏକାଠି ହୋଇଥିଲେ। ଜାତୀୟ ରାଜପଥରେ ଯାତାୟାତ ପ୍ରଭାବିତ ହୋଇ ନ ଥିଲେ ମଧ ସହର ମଧରେ ପ୍ରାୟ ଦୋକାନ ବନ୍ଦ ରହିଥିବା ହେତୁ ସାଧାରଣ ଜନଜୀବନ ପ୍ରଭାବିତ ହୋଇଛି। ପୁରୀ ଡିଷ୍ଟ୍ରିବ୍ୟୁଟର ଟ୍ରେଡର୍ସ ଆସୋସିଏଶନ ସମ୍ପାଦକ ଜିତେନ୍ଦ୍ର ପଟ୍ଟନାୟକ କହିଛନ୍ତି, ବ୍ୟବସାୟୀମାନଙ୍କର ଏହି ବନ୍ଦ ନିହାତି ପକ୍ଷେ ସଫଳ। ଜିଏସ୍‌ଟିର ସରଳୀକରଣ ଏହି ବନ୍ଦର ପ୍ରମୁଖ ପ୍ରସଙ୍ଗ ଅଟେ। ଜିଏସ୍‌ଟି ଲାଗୁ ହେବାପରଠାରୁ ପ୍ରାୟ ୯୫୦ଥର ଏହା ସଂଶୋଧିତ ହୋଇ ସାରିଲାଣି। ତଥାପି ଏକ ସରଳ ଜିଏସ୍‌ଟି ପ୍ରକ୍ରିୟା ମିଳିବା ସମ୍ଭବ ହୋଇନି। ବ୍ୟବସାୟୀମାନେ ଜିଏସ୍‌ଟି ହିସାବ ପତ୍ର ହିଁ ବୁଝି ପାରୁନାହାନ୍ତି। ତେଣୁ ଏହି ବନ୍ଦ ମାଧ୍ୟମରେ ଆମେ ସରକାରଙ୍କ ନିକଟରେ ଜିଏସ୍‌ଟି ସରଳୀକରଣ ନେଇ ଦାବି ରଖୁଛୁ। ଜିଏସଟି ନୂଆ କରି ଲାଗୁ ହେବା ବେଳେ ଖୁସି ଥିଲୁ ମାତ୍ର ଏବେ ସମାନ କଥା ପାଇଁ ଦୁଃଖ ଅନୁଭବ କରୁଛୁ। ବ୍ୟବସାୟରେ ଏବେ ଜିଏସ୍‌ଟି କଣ୍ଟା ଭଳି ଉଭା ହୋଇଛି। ସେହିଭଳି ଜିଏସ୍‌ଟି କରଣ, ଇ-କମର୍ସର ବିସ୍ତାରବାଗୀ ନୀତି ବିରୋଧରେ ହୋଇଥିବା ବନ୍ଦକୁ ସହରର ଅଧିକାଂଶ ଦୋକାନୀ ସମର୍ଥନ ଜଣାଇଛନ୍ତି।

## ବ୍ୟବସାୟୀ ସଂଘ ପକ୍ଷରୁ ଶୋଭାଯାତ୍ରା

**ନିମାପଡ଼ା/ଅସ୍ତରଙ୍ଗ, ୨୬।୨(ଡି.ଏନ୍.ଏ.)**

ନିମାପଡ଼ା ଓ ଚାରିଛକ ବ୍ୟବସାୟୀ ସଂଘ ପକ୍ଷରୁ ଶୁକ୍ରବାର ଭାରତ ବନ୍ଦ ସଫଳ ହୋଇଛି। ବନ୍ଦ ଯୋଗୁ ନିମାପଡ଼ା, ଚାରିଛକ, ଖେଲାର, ହରିପୁର ବଜାରରେ ସମସ୍ତ ଦୋକାନ ବନ୍ଦ ରହିଥିବାରୁ ଚାରିଆଡ଼େ ଖାଁ ଖାଁ ହୋଇପଡ଼ିଛି। ସରକାର ଜିଏସ୍‌ଟିର ଜଟିଳତା ହ୍ରାସ କରିବା ଓ ଜିଏସ୍‌ଟି ବୃଦ୍ଧିର ପ୍ରତିବାଦରେ ଏହି ଆନ୍ଦୋଳନ ଅନୁଷ୍ଠିତ ହୋଇଯାଇଛି। ନିମାପଡ଼ା ବ୍ୟବସାୟୀ ସଂଘ ସଭାପତି ପଦ୍ମଚରଣ ସାହୁ, ଉପସଭାପତି ଅକ୍ଷୟ ସାହୁ, ସାଧାରଣ ସମ୍ପାଦକ ଦୋଳଗୋବିନ୍ଦ ପାତ୍ର, ସହସମ୍ପାଦକ ବିଭୂତି ଭୂଷଣ ସାହୁ, କୋଷାଧକ୍ଷ ରାଜକିଶୋର ମୁଦୁଲି, କପିଳଚନ୍ଦ୍ର ସାହୁ ପ୍ରମୁଖଙ୍କ ନେତୃତ୍ୱରେ ଶତାଧିକ ବ୍ୟବସାୟୀଙ୍କର ଏକ ପ୍ରତିବାଦ ଶୋଭାଯାତ୍ରା ହାଟଛକରୁ ବାହାରି ସହର ପରିକ୍ରମା କରିବା ପରେ ଦୋଳବେଦୀ ଛକ, ଜୟଶ୍ରୀ ଛକରେ ପ୍ରତିବାଦ ସଭା ହୋଇଥିଲା। ସେହିପରି ଚାରିଛକ ବ୍ୟବସାୟୀ ସଂଘର ସଭାପତି ପ୍ରତାପଚନ୍ଦ୍ର ସାହୁ, ଉପସଭାପତି ମହେନ୍ଦ୍ର ନାୟକ, ସମ୍ପାଦକ ବନବିହାରୀ ଦାସ ପ୍ରମୁଖଙ୍କ ନେତୃତ୍ୱରେ ଆନ୍ଦୋଳନ ଅନୁଷ୍ଠିତ ହୋଇଥିଲା। ସେହିଭଳି ଅସ୍ତରଙ୍ଗ ବଜାର କମିଟି ଓ ବ୍ୟବସାୟୀମାନଙ୍କ ତରଫରୁ ଏକ ଶୋଭାଯାତ୍ରା ତାରିଣୀ ମନ୍ଦିରଠାରୁ ବାହାରି ତହସିଲ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ। ସଂଘ ସଭାପତି ଦୁଷ୍ମନ୍ତ ପରିଡ଼ାଙ୍କ ନେତୃତ୍ୱରେ ତହସିଲଦାରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା।



ମାଘପୂର୍ଣ୍ଣିମା ଅବସରରେ ବୁଢ଼ୀ ମା' ଠାକୁରାଣୀଙ୍କ ପାଇଁ ପୁରୀ ଚିତ୍ରକର ସାହିରେ ଜଣେ ଶିଳ୍ପୀ ପଦ୍ମବେଶ ପ୍ରସ୍ତୁତ କରୁଛନ୍ତି।

## କଳସଯାତ୍ରା, ଗ୍ରାମ କଲ୍ୟାଣ ଯଜ୍ଞ

**ସାକ୍ଷୀଗୋପାଳ, ୨୬।୨ (ସ୍ୱ.ପ୍ର./ଡି.ଏନ୍.ଏ.)**

ସେବକସାହି ଗ୍ରାମର ଜାଗେଶ୍ୱରୀ ମନ୍ଦିରରେ ଶୁକ୍ରବାର ବିଶ୍ୱଶାନ୍ତି ଓ ଗ୍ରାମ କଲ୍ୟାଣ ଯଜ୍ଞ ଆରମ୍ଭ ହୋଇଛି। ପୂର୍ବାହ୍ନରେ ସାକ୍ଷୀଗୋପାଳ ମନ୍ଦିର ସେବାୟତ ପରିବାର ମହିଳାମାନେ କଳସଯାତ୍ରାରେ ସାମିଲ ହୋଇଥିଲେ। ସାକ୍ଷୀଗୋପାଳ ଠାକୁରଙ୍କ ନିକଟରୁ ଆଜ୍ଞାମାଳ ସଂଗ୍ରହ କରିବା ପରେ ଘଣ୍ଟ, ଶଙ୍ଖ, ବାଦ୍ୟ, କାହାଳୀ, ଛତି ତ୍ରାସ, ସଂକୀର୍ତ୍ତନ ମଣ୍ଡଳୀ ସହ ହରିବୋଲ ହୁଳହୁଳି ଦେଇ ରତ୍ନଚିରା ନଦୀରୁ ଜଳକଳସ ଅଣାଯାଇ ଯଜ୍ଞ ମଣ୍ଡପରେ ସ୍ଥାପନ କରାଯାଇଥିଲା। ଦେବା ଦେବୀଙ୍କୁ ଆବାହନ, ଆହୁତି, ଜପ, ନୈବେଦ୍ୟ, ଆଳତି ପରେ ପୁଷ୍ପାଞ୍ଜଳି ଅର୍ପଣ କରାଯାଇଥିଲା। ପୁରୋହିତ ପଣ୍ଡିତ ସୁଦର୍ଶନ ମିଶ୍ର ପଣ୍ଡିତ ମଣ୍ଡଳୀ ସହ ଆହୁତି ପ୍ରଦାନ କରିଥିଲେ। ସେବାୟତ ସଂଘ କର୍ମକର୍ତ୍ତାଙ୍କ ସହ ଗ୍ରାମର ଯୁବକମାନେ ଉପସ୍ଥିତ ରହି ସହଯୋଗ କରିଥିଲେ। ସେହିଭଳି ମାଣିତିର ସାହିରେ ଶ୍ରୀ ଶ୍ରୀ ଆର୍ତ୍ତତ୍ରାଣ ଗାଦି ବ୍ରହ୍ମଦେବଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବର ପୂର୍ଣ୍ଣାହୁତି ହୋଇଯାଇଛି। ଶୁକ୍ରବାର ସୂର୍ଯ୍ୟପୂଜା, ଗୋ ପଜ୍ଜା, ଦେବତା ପୂଜା, ଜପହୋମ ଆଦି ହୋଇଥିଲା।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଦୀପକ



@ ସ୍ମୃତିରଞ୍ଜନ



@ ରାଜଲକ୍ଷ୍ମୀ



@ ଦୀପାଳି



@ ପାପୁନ



@ ସୁଜିତ

# ପର୍ଯ୍ୟଟକଙ୍କୁ ଜମ୍ମୁ କଶ୍ମୀର ଆସିବାକୁ ନିମନ୍ତ୍ରଣ

**ପୁରୀ ଅଫିସ,୨୬।୨**

ଭାରତବର୍ଷର ସ୍ୱର୍ଗ ହେଉଛି ଜମ୍ମୁ କଶ୍ମୀର। ବୈଷ୍ଣବଦେବୀ, ଅମରନାଥ ଓ ସୁଦୀର୍ଘ ହିମାଳୟ କଶ୍ମୀର ପର୍ଯ୍ୟଟନ ଶିଳ୍ପକୁ ଉଚ୍ଚ ଶିଖର ଦେଇଛି। ପ୍ରତିବର୍ଷ ଅଢେଇ କୋଟି ଲୋକେ କଶ୍ମୀରକୁ ବୁଲିବାକୁ ଆସନ୍ତି। କରୋନା କାଳରେ ମଧ ୪୫ଲକ୍ଷ ଲୋକେ କଶ୍ମୀର ବୁଲି ଆସିଛନ୍ତି ବୋଲି ଜମ୍ମୁ କଶ୍ମୀର ପର୍ଯ୍ୟଟନ ବିଭାଗର ଉପନିର୍ଦ୍ଦେଶକ ଅନୀଲ କୁମାର ଚଣ୍ଡେଲ କହିଛନ୍ତି। ଶୁକ୍ରବାର ଜମ୍ମୁ କଶ୍ମୀର ପର୍ଯ୍ୟଟନ ଶିଳ୍ପକୁ ପ୍ରୋତ୍ସାହିତ କରିବା ପାଇଁ ଦେଶ ସାରା ଲୋକଙ୍କୁ ନିମନ୍ତ୍ରଣ ଦେବା ପାଇଁ ଜମ୍ମୁକଶ୍ମୀର ପର୍ଯ୍ୟଟନ ବିଭାଗ ପକ୍ଷରୁ ପୁରୀ ରୋଡ୍ ଶୋ' କରାଯାଇଛି। କଶ୍ମୀର ପର୍ଯ୍ୟଟନ ଶିଳ୍ପର ଅଭିବୃଦ୍ଧି ପାଇଁ ଏଭଳି କରାଯାଉଥିବା ଚଣ୍ଡେଲ କହିଛନ୍ତି। ସେ ଆହୁରି କହିଛନ୍ତି, ଜମ୍ମୁକଶ୍ମୀର ପ୍ରତି ଜିଲାରେ ଦେଖିବା ପାଇଁ କିଛି ନା କିଛି ନିଶ୍ଚିତ ଅଛି। ରାଜ୍ୟରେ ୨ଟି ଏୟାରପୋର୍ଟ, ୩ଟି ରେଳ ଷ୍ଟେଶନ ଓ ସଡ଼କ ପଥରେ ଯୋଗାଯୋଗର ସମସ୍ତ ବ୍ୟବସ୍ଥା ରହିଛି। ସେହିଭଳି ହୋଟେଲ, ସୁସ୍ୱାଦୁ ଖାଦ୍ୟର ଅଭାବ ନ ଥିବାବେଳେ ଭଳିକି ଭଳି ଖାଦ୍ୟ କଶ୍ମୀରର ସ୍ୱତନ୍ତ୍ରତା ରହିଛି। ଏହି ପରିପ୍ରେକ୍ଷୀରେ ବିଭାଗ ପକ୍ଷରୁ ପୁରୀ ଜିଲାବାସୀ କଶ୍ମୀର ବୁଲି ଯିବା ପାଇଁ ଅନୁରୋଧ କରାଯାଇଛି। ସେହିଭଳି ଓଡ଼ିଶାରୁ ପର୍ଯ୍ୟଟକଙ୍କ ସଂଖ୍ୟା ବଢ଼ିଲେ, କେନ୍ଦ୍ର ସରକାରଙ୍କୁ ଅନୁରୋଧ କରି କଶ୍ମୀରରୁ ଓଡ଼ିଶା ଏକ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରାଯିବ ବୋଲି ଜମ୍ମୁକଶ୍ମୀର ପର୍ଯ୍ୟଟନ ବିଭାଗ ସ୍ପଷ୍ଟ କରିଛି। ସେହିଭଳି ଗତବର୍ଷ ୪୦ ହଜାର ଲୋକେ ଓଡ଼ିଶାରୁ କଶ୍ମୀର ବୁଲିବାକୁ ଯାଇଥିଲେ। ଏହି ସଂଖ୍ୟା ଲକ୍ଷାଧିକ ହେଉ ବୋଲି ବିଭାଗ ଆଶା ରଖିଛି। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ପର୍ଯ୍ୟଟନ ବିଭାଗ ଅତିରିକ୍ତ ସଚିବ ସଚିନ୍ ଆର୍ ଯାଦବ ଓ ଜମ୍ମୁକଶ୍ମୀର ପର୍ଯ୍ୟଟନ ବିଭାଗର ରମିନ୍ଦର ସନହୋତ୍ରା, ଯତିନ୍ଦ୍ର କୌଲ୍ ଓ ରାଜେଶ ଚନ୍ଦନ ପ୍ରମୁଖ ଉପସ୍ଥିତ ଥିଲେ।

## କସ୍ତୁରବା ଗାନ୍ଧୀ ଟ୍ରଷ୍ଟର ପୁନଃସଂସ୍କାର ଶିବିର

**ଡେଲାଙ୍ଗ,୨୬।୨(ଡି.ଏନ୍.ଏ.)**

ବେରବୋଇସ୍ଥିତ କସ୍ତୁରବା ଗାନ୍ଧୀ ରାଷ୍ଟ୍ରୀୟ ସ୍ମାରକୀ ଟ୍ରଷ୍ଟର ପୁନଃସଂସ୍କାର ଶିବିର କସ୍ତୁରବା ଗ୍ରାମସେବା କେନ୍ଦ୍ର ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବରୀ ଅରଙ୍ଗାବାଦ, ଯାଜପୁର, କେନ୍ଦୁଝରର କଣ୍ଟିଆପଡା, ମୟୂରଭଞ୍ଜର ଦେଉଳି, ରାୟଗଡ଼ାର ପାର୍ବତୀ ନଗର, ସମ୍ବଲପୁରର ବରଗା, ସତ୍ୟାଭାମାପୁରର ପ୍ରାଦେଶିକ କାର୍ଯ୍ୟାଳୟ, କଟକ, ଜଗତ୍‌ସିଂହପୁର, ନୂଆଡିହି କୁଢୀକୋଠୀ ପ୍ରଭୃତି ଓଡ଼ିଶାର ୧୩କେନ୍ଦ୍ରର କର୍ମୀମାନେ ଶିବିରରେ ଅଂଶଗ୍ରହଣ କରିଥିଲେ। କେନ୍ଦ୍ରର ସଭାପତି କୁନ୍ତଳା କୁମାର ବିଶ୍ୱାଳ ଶିବିରଟିକୁ ଉଦ୍‌ଘାଟନ କରିଥିଲେ। ଟ୍ରଷ୍ଟର ପ୍ରତିନିଧି ସନ୍ଧ୍ୟାରାଣୀ ମଲ୍ଲିକଙ୍କ ଅଧକ୍ଷତାରେ ଭାରତୀ ଘୋଷ, କ୍ରିଷ୍ଣାରାଣୀ ବୋଷ, ସୁକାନ୍ତୀ ନାୟକ, ଶିବାନି ପାଣିଗ୍ରାହୀ, ଜୟନ୍ତୀ ବିଶ୍ୱାଳ,ପୁଷ୍ପଲତା ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ।

## ବଦଳିଲେ ଡେଲାଙ୍ଗ ବିଡିଓ

**ଡେଲାଙ୍ଗ,୨୬।୨(ଡି.ଏନ୍.ଏ.)**

ଡେଲାଙ୍ଗ ବିଡିଓ କ୍ଷୀରୋଦ୍ର ପ୍ରଧାନଙ୍କ ବଦଳି ହୋଇଯାଇଛି । ସେ କେନ୍ଦ୍ରାପଡ଼ା ଜିଲାର ରାଜକନିକା ବ୍ଲକରେ ବିଡିଓ ଭାବେ ଯୋଗଦେବେ। ନୂତନ ବିଡିଓ ଭାବେ ଖୋର୍ଦ୍ଧା ଜିଲା ଜଟଣୀର ଅତିରିକ୍ତ ତହସିଲଦାର ଦିଲୀପ କୁମାର ସଡଙ୍ଗୀ ଯୋଗଦେବେ ବୋଲି ପଞ୍ଚାୟତିରାଜ ବିଭାଗର ଚିଠିନମ୍ବର ୪୧୦୬ରେ ଉଲ୍ଲେଖ ରହିଛି। ତେବେ ହଠାତ ବିଡିଓଙ୍କର ବଦଳି ରାଜନୈତିକ ଷଡ଼ଯନ୍ତ୍ର ବୋଲି ଚର୍ଚ୍ଚା ହେଉଛି।

# ବୋନ୍ ଟ୍ୟୁମର କୁନିଙ୍କୁ ସବ୍ୟସାଚୀଙ୍କ ସହାୟତା

**ପୁରୀ ଅଫିସ,୨୬।୨**



ପୁରୀ ସଦର ବ୍ଲକ୍ ବାଲିପଡ଼ାର କୁନି ପଣ୍ଡା ବୋନ୍ ଟ୍ୟୁମରରେ ପୀଡ଼ିତ ହୋଇ ଯନ୍ତ୍ରଣାରେ ରହୁଥିଲେ। ୨୪ ବର୍ଷ.ବୟସର କୁନିର ଏହି ଦୁଃଖର ଭିଡିଓ ସୋସିଆଲ ମିଡିଆରେ ଦେଖିବା ପରେ ଓଲିଉଡ ଅଭିନେତା ସବ୍ୟସାଚୀ ମହାପାତ୍ର ସହାୟତାର ହାତ ବଢ଼ାଇଥିଲେ। ସବ୍ୟସାଚୀଙ୍କ ଆର୍ଥିକ ସହଯୋଗ ପରେ ବୋନ ଟ୍ୟୁମର କୁନି ମୁହଁକୁ ହସ ଫେରିଛି। ଏମ୍ସ ହସ୍ପିଟାଲରେ ସଫଳ ଅସ୍ତ୍ରୋପଚାର ପରେ ସେ ନିଜ ଗାଁ ବାଲିପଡ଼ାକୁ ଫେରିଛନ୍ତି। ଅସ୍ତ୍ରୋପଚାର ପରେ ଶୁକ୍ରବାର ଅଭିନେତା ସବ୍ୟସାଚୀ ତାଙ୍କୁ ଭେଟିଥିବାବେଳେ କୁନି ତାଙ୍କ ହାତରେ ରାଖୀ ବାନ୍ଧି ଖୁସିବ୍ୟକ୍ତ କରିଛନ୍ତି। ସୂଚନାଯୋଗ୍ୟ, କୁନିଙ୍କ ହାତରେ ବୋନ୍ ଟ୍ୟୁମର୍ ହୋଇଥିଲା। ପିଲାବେଳୁ ବାପାଙ୍କୁ ହରାଇବା ସହ ଦାରିଦ୍ର୍ୟରେ ମା' ଝିଅର ଜୀବନ ଯୁଝୁଥିବାବେଳେ କୁନିର ବୋନ ଟ୍ୟୁମର ଚିକିତ୍ସା ପାଇଁ ଅଧିକ ଅର୍ଥ ଆବଶ୍ୟକ ପଡ଼ିଥିଲା। ହେଲେ ପାରିବାରିକ ସମ୍ବଳ ଅଭାବରୁ ସେ ଚିକିତ୍ସା ଆଶା ଛାଡ଼ି ଦେଇଥିଲେ। ଏହାପରେ କୁନି ସୋସିଆଲ୍ ମିଡିଆର ସାହାରା ନେଇ ନିଜ ପାଇଁ ଆର୍ଥିକ ସହାୟତା ମାଗିଥିଲେ। ଏହି ଘଟଣା ସବ୍ୟସାଚୀ ଦେଖିବା ପରେ ତାଙ୍କୁ ଭିଡିଓ କଲ୍ ମାଧ୍ୟମରେ ଯୋଗାଯୋଗ କରି ସହଯୋଗର ପ୍ରତିଶ୍ରୁତି ଦେଇଥିଲେ। ପରେ ତାଙ୍କ ସହ ଭେଟି ସମସ୍ତ ଚିକିତ୍ସା ଦାୟିତ୍ୱ ନେଇଥିଲେ। ତେବେ କୁନି ଭୁବନେଶ୍ୱର ଏମ୍ସ ହସ୍ପିଟାଲରେ ଚିକିତ୍ସା କରାଇଥିବା ବେଳେ ଏବେ ତାଙ୍କର ଅସ୍ତ୍ରୋପଚାର ସଫଳ ହୋଇଛି। ଏ ନେଇ କୁନି କହିଛନ୍ତି, ମୋ ଜୀବନରେ ସେ ଦେବଦୂତ ସାଜି ଆସିଲେ। ତାଙ୍କର ଏହି ଭଲପାଇବାକୁ ଜୀବନ ସାରା ମନେ ରଖିବି। ସବ୍ୟସାଚୀ ମୋ ଭାଇ ଓ ତାଙ୍କ ପାଖରେ ମୁଁ ଚୀରଋଣୀ। ଉଲ୍ଲେଖଯୋଗ୍ୟ, ସବ୍ୟସାଚୀ କୁନିଙ୍କର ପୂର୍ବ ଓ ପର ଫଟୋ ପୋଷ୍ଟ କରି ଖୁସି ଜାହିର କରିଛନ୍ତି। ସେ କହିଛନ୍ତି, କୁନି ପାଇଁ ଓଡ଼ିଶାବାସୀଙ୍କ ପ୍ରାର୍ଥନା ସଫଳ ହୋଇଛି। ଖୁସି ଲାଗୁଛି ପ୍ରାର୍ଥନା ଫଳପ୍ରଦ ହୋଇଛି ଓ ଅସ୍ତ୍ରୋପଚାର ପରେ କୁନିଙ୍କ ହସ ଫେରିଛି।

# ହତ୍ୟା ଘଟଣା, ଦୋଷୀଙ୍କୁ ଆଜୀବନ କାରାଦଣ୍ଡ

**ପୁରୀ ଅଫିସ,୨୬।୨**

**୧୯ ବର୍ଷ ପରେ ମିଳିଲା ନ୍ୟାୟ**

୧୯ ବର୍ଷ ତଳେ ଘଟିଥିବା ଏକ ହତ୍ୟାକାଣ୍ଡ ଘଟଣାରେ ସମ୍ପୃକ୍ତ ଥିବା ଜଣେ ଅଭିଯୁକ୍ତଙ୍କୁ ବିଚାରପତି ଶୁକ୍ରବାର ଶୁଣାଣି କରି ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ସେ ହେଲେ ଖଗେଶ୍ୱର ମହାପାତ୍ର। ସେ ପ୍ରତାପ ହରିଚନ୍ଦନଙ୍କୁ ନିର୍ମମ ଭାବେ ହତ୍ୟା କରିବା ଅଭିଯୋଗରେ ପୁରୀ କୋର୍ଟ ତାଙ୍କୁ ଏହି ଦଣ୍ଡାଦେଶ ଦେଇଛନ୍ତି। ତାଙ୍କ ବିରୋଧରେ ଆଇପିସି ଧାରା ୧୪୮, ୩୬୪, ୩୪୨, ୩୦୨, ୩୪୧, ୨୯୪, ୫୦୬ ଓ ୧୪୯ ଲାଗୁ କରାଯାଇଛି। ୨୨ଜଣ ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନ ଆଧାରରେ ଆଡିଶନାଲ ସେସନ୍ ଜଜ୍ ରାଜକିଶୋର ଲେଙ୍କା ଏହି ରାୟ ଦେଇଛନ୍ତି। ତେବେ ଏହି ହତ୍ୟାକାଣ୍ଡରେ ଖଗେଶ୍ୱରଙ୍କ ସମେତ ଆହୁରି ୯ଜଣଙ୍କର ସମ୍ପୃକ୍ତି ଅଛନ୍ତି। ସୂଚନାଯୋଗ୍ୟ, ୨୦୦୧ ନଭେମ୍ବର ୧୩ ତାରିଖରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ପ୍ରତାପଙ୍କୁ ଏହି ଦୁର୍ବୃତ୍ତମାନେ ବାଲିଘାଇ ନଦୀକୂଳରୁ ଉଠାଇ ନେଇ ଗାଁ କ୍ଲବ୍ ଘରେ କଟୁରି, ଫାର୍ସା ଓ ଖଣ୍ଡା ଭଳି ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। ପରେ ତାଙ୍କୁ ଅଖାରେ ପୂରାଇ ବାଲିଘାଇ ନଦୀକୂଳରେ ଫୋପାଡ଼ି ଦେଇଥିଲେ। ପ୍ରତାପଙ୍କ ଭାଇ ତାଙ୍କୁ ଉଦ୍ଧାର କରି ପୁରୀ ଡାକ୍ତରଖାନା ଆଣିଥିଲେ ମଧ ଶରୀର କ୍ଷତସ୍ଥାନ ଗଭୀର ହୋଇଥିବା ହେତୁ ତାଙ୍କର ମୃତ୍ୟୁ ହୋଇଥିଲା। ଏହାପରେ ପ୍ରତାପଙ୍କ ବଡ଼ ଭାଇ ଯୁଧିଷ୍ଠିର ହରିଚନ୍ଦନ ଥାନାରେ ଏ ନେଇ ଅଭିଯୋଗ କରିବା ପରେ ତଦନ୍ତ ଓ ଏହାପରେ କୋର୍ଟ ବିଚାର ଆରମ୍ଭ ହୋଇଥିଲା। ଏହା ପୂର୍ବରୁ ଖଗେଶ୍ୱର କାରାଗାରରେ ଥିଲେ ମଧ ପରେ ଜାମିନ ପାଇ ବାହାରେ ଥିଲେ। ଏବେ ତାଙ୍କୁ ଦଣ୍ଡ ବିଧାନ ହୋଇଛି। ଖଗେଶ୍ୱରଙ୍କ ଘର କଣାସ ବ୍ଲକ୍ କଖାରୁବସ୍ତା ଗ୍ରାମରେ। ତେବେ ହତ୍ୟାକାଣ୍ଡ ମାମଲାରେ ପୂର୍ବରୁ ୨୦୧୨ରେ ୫ ଜଣଙ୍କୁ ୫ରୁ ୭ ବର୍ଷର ଦଣ୍ଡାଦେଶ ହୋଇସାରିଛି। ତିନି ଜଣଙ୍କ ଶୁଣାଣି ପ୍ରକ୍ରିୟା ଚାଲୁ ରହିଛି। ଅନ୍ୟ ଜଣେ ୨୦୦୧ ମସିହାରୁ ଫେରାର ଥିବାବେଳେ ପୋଲିସ ତାଙ୍କୁ ଧରିବାରେ ବିଫଳ ହୋଇଛି।